# ମା'ଙ୍କ ଆଶୀର୍ବାଦ

# ସୂଚନା

ନିଜର ଅହଂକାର, ଅଜ୍ଞାନତା ଓ ଶକ୍ତିହୀନତାକୁ ହୃଦୟଙ୍ଗମ କରି ମନୁଷ୍ୟ ଯେତେବେଳେ ସର୍ବଶକ୍ତିମୟୀ ଦିବ୍ୟ ଜନନୀଙ୍କ ପାଖରେ ନିଜକୁ ନିଃଶେଷରେ ସମର୍ପଣ କରେ ସେତେବେଳେ ସେ ଦିବ୍ୟଜନନୀଙ୍କର ଅସୀମ କରୁଣା ଓ ଆଶୀର୍ବାଦ ଗ୍ରହଣ କରିବାକୁ ସକ୍ଷମ ହୁଏ ଏବଂ ପୃଥିବୀପୃଷ୍ଠରେ ଦିବ୍ୟ ଜୀବନ ଯାପନ ଦିଗରେ ଅଗ୍ରସର ହୋଇପାରେ । ଦିବ୍ୟଜନନୀ ତାଙ୍କର ଅପାର କରୁଣା ଦ୍ୱାରା ଏହି ଦୁଃଖ-ତାପପୂର୍ଣ୍ଣ ଜଗତକୁ ଉଦ୍ଧାର କରିବା ନିମିତ୍ତ ଶ୍ରୀମା'ଙ୍କ ରୂପେ କିପରି ଏହି ପୃଥିବୀରେ ଅବତୀର୍ଣ୍ଣା ହୋଇ ଆଶୀର୍ବାଦବାରି ଢାଳି ଚାଲିଛନ୍ତି ସେ ସମ୍ବନ୍ଧରେ ଲେଖକ ଏହି ପୁସ୍ତିକାରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନଙ୍କ ସକାଶେ ପୁସ୍ତକଟି ବିଶେଷ ସହାୟକ ହେବ ବୋଲି ଆଶା କରୁ ।

— ପ୍ରକାଶକ

# ମା'ଙ୍କ ଆଶୀର୍ବାଦ

ଭଗବାନଙ୍କ ଆଶୀର୍ବାଦ ଅମୋଘ ଓ ଅବ୍ୟର୍ଥ । ବ୍ୟକ୍ତି ସକାଶେ ଅତୁଳନୀୟ, ଅମୂଲ୍ୟ ମଣି । ଏହି ଆଶୀର୍ବାଦ ଅହରହ ଦିବାନିଶି ବର୍ଷା ହେଉଥାଏ, କିନ୍ତୁ ଶୋଇଥିବା ବ୍ୟକ୍ତି ଏଥିରୁ ବଞ୍ଚିତ ରହେ । ବହୁତ ଅଳ୍ପ ବ୍ୟକ୍ତି କେବେ କେବେ ଜାଗ୍ରତ୍ ହୁଅନ୍ତି ଏବଂ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ଭଗବାନ୍ କରୁଣାମୟ, ଦୀନବନ୍ଧୁ । ତାଙ୍କ କୃପା ବରାବର ଜୀବ ଉପରେ ଥାଏ । ତାଙ୍କ ଆଶୀର୍ବାଦକୁ ଜୀବ ଗ୍ରହଣ କରିବାରେ ସମର୍ଥ ନ ହେବାରୁ ସେ ନିଜ ଅନୁକମ୍ପାରେ ଜୀବ ଉପରେ ଦୟାକରି ଏହି ପୃଥିବୀରେ ମନୁଷ୍ୟଶରୀରରେ ଅବତୀର୍ଣ୍ଣ ହୁଅନ୍ତି । ମନୁଷ୍ୟର ଅପୂର୍ଣ୍ଣତାକୁ ଗ୍ରହଣ କରନ୍ତି । ମନୁଷ୍ୟ ସଦୃଶ କର୍ମ କରନ୍ତି । ଆମ୍ଭମାନଙ୍କ ମଧ୍ୟରେ ପିତା, ମାତା, ଗୁରୁରୂପେ ଲୀଳା କରନ୍ତି । ଆମ୍ଭମାନଙ୍କ ସହିତ କଥା କହନ୍ତି, କାର୍ଯ୍ୟ କରନ୍ତି, ବ୍ୟବହାର କରନ୍ତି, ଆମ୍ଭମାନଙ୍କୁ ନିଜ କରୁଣା ପ୍ରଦାନ କରିବା ସକାଶେ ଆମ୍ଭମାନଙ୍କର ଅଜ୍ଞାନ ସ୍ତରକୁ ଉତରି ଆସନ୍ତି । ଅନ୍ତରରେ ନିବାସ କରନ୍ତି ଭଗବତ୍ ଚେତନାରେ । ଅପୂର୍ଣ୍ଣତାର ବସନ ପିନ୍ଧି କର୍ମ କରନ୍ତି ଆମ୍ଭମାନଙ୍କ ସଙ୍ଗରେ ।

ଠିକ୍ ସେହିପରି ପୃଥିବୀରେ ଜୀବ ଉପରେ କରୁଣା କରି ପରମା ଆଦ୍ୟା-ଭାଗବତୀ ଶକ୍ତି ମା'ଙ୍କ ରୂପେ ଏହି ପୃଥିବୀରେ ଆମ୍ଭମାନଙ୍କ ମଝିରେ ଅବତୀର୍ଣ୍ଣ ହୋଇ ଆମ୍ଭମାନଙ୍କ ସଦୃଶ ଶରୀର ଧାରଣ କରିଅଛନ୍ତି । ଆମ୍ଭମାନଙ୍କୁ ମାର୍ଗ ଦର୍ଶାଇବା ସକାଶେ ଆମ୍ଭମାନଙ୍କ ଅପୂର୍ଣ୍ଣତା ଏବଂ ଦୋଷତ୍ରୁଟିକୁ ଗ୍ରହଣ କରିଅଛନ୍ତି । ଆମ୍ଭମାନଙ୍କୁ ଉଦ୍ଧାର କରିବା ସକାଶେ ବଦ୍ଧ ଜୀବ ସଦୃଶ ସାଧନା କରୁଅଛନ୍ତି । ପୃଥିବୀର ଚେତନା ସହିତ ଏକତ୍ୱ ପ୍ରାପ୍ତ ହୋଇ ନିଜକୁ ଏହି ପୃଥିବୀରେ ଅଭିବ୍ୟକ୍ତ କରିବା ସକାଶେ ସେ ନିଜର ପରାତ୍ପର ସତ୍ତାକୁ ପ୍ରାର୍ଥନା କରୁଅଛନ୍ତି । ନିଜର ପରାତ୍ପରତତ୍ତ୍ୱ ଆମ୍ଭମାନଙ୍କୁ ପ୍ରାପ୍ତହେବା ସକାଶେ ନିଜ ଯୋଗମାୟାର ଆବରଣରେ ଆବୃତ ହୋଇ ଆମ୍ଭମାନଙ୍କ ସହିତ ମାତା, ଅଭିଭାବକ ଓ ଗୁରୁ ରୂପେ ମାନୁଷୀ ସମ୍ବନ୍ଧ ସ୍ଥାପନ କରିଅଛନ୍ତି ଯେଉଁ ସମ୍ବନ୍ଧ ଦ୍ୱାରା ଆମ୍ଭେମାନେ ତାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଜନ୍ମ-ମରଣ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଜ୍ଞାନ ଲାଭ କରିପାରୁ । ଆମ୍ଭମାନଙ୍କୁ ଆଶୀର୍ବାଦ ଦେବା ସକାଶେ ସେ ଦିବ୍ୟଧାମରୁ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ଏହି ମୃତ୍ୟୁପୁରୀକୁ ଉତରି ଆସିଅଛନ୍ତି । ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆମ୍ଭମାନଙ୍କ ଉପରେ ତାଙ୍କର ଅସୀମ କୃପା, କରୁଣା, ଅନୁକମ୍ପା ଆଶୀର୍ବାଦ ନିରନ୍ତର ଢାଳୁଅଛନ୍ତି । କିନ୍ତୁ ତାହା ଆମ୍ଭମାନଙ୍କୁ ପ୍ରାପ୍ତ ହୋଇପାରୁ ନାହିଁ । କାରଣ ଆମ୍ଭେମାନେ ଅହଂ, ଅଜ୍ଞାନ, ଲୋଭ, ମୋହ, ମାୟା, କାମ, କ୍ରୋଧ, ଈର୍ଷା ଆଦି ଦସ୍ୟୁଙ୍କୁ ଆମ୍ଭମାନଙ୍କର ସମସ୍ତ ସତ୍ତା ସମର୍ପଣ କରି ଦେଇଅଛୁ । ସେମାନେ ଆମ୍ଭମାନଙ୍କ ଚତୁଃପାର୍ଶ୍ୱର ସମସ୍ତ ମାର୍ଗ ଦୃଢ଼ରୂପେ ବନ୍ଦ କରି ଆମ୍ଭମାନଙ୍କୁ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ଅଭାବ, କାମନା, ବାସନାର ପ୍ରବଳ ଅଗ୍ନିରେ ଦିବାନିଶି ଦହନ କରୁଛନ୍ତି । ମା'ଙ୍କ ଆଶୀର୍ବାଦସ୍ୱରୂପ ଅମୃତମୟ, ସୁଶୀତଳ ଜଳସ୍ରୋତ ଆମ୍ଭ ନିକଟରେ ପ୍ରବାହିତ ହେଉଥିବା ସତ୍ତ୍ୱେ ଆମ୍ଭେମାନେ ତହିଁରୁ ବଞ୍ଚିତ ହୋଇଅଛୁ । ଗଙ୍ଗାକୂଳରେ ବନ୍ଧା ହୋଇଥିବା ପଶୁର ତୃଷାରେ ପ୍ରାଣପକ୍ଷୀ ଉଡ଼ିଯାଉଥିବା ସଦୃଶ ଆମ୍ଭମାନଙ୍କ ଅବସ୍ଥା ହୋଇଅଛି । ମା'ଙ୍କ କୃପା ଆମ୍ଭମାନଙ୍କ ଅନ୍ତରତମ ପ୍ରଦେଶରେ ପ୍ରବେଶ କରିବା ସକାଶେ ବରାବର ଚେଷ୍ଟା କରୁଅଛି । କିନ୍ତୁ ଏହାକୁ ବ୍ୟର୍ଥ କରିବା ସକାଶେ ଆମ୍ଭମାନଙ୍କ ସତ୍ତାକୁ ଅଧିକାର କରିଥିବା ଅବିଦ୍ୟା ମାୟାର ଅନୁଚର ଅଜ୍ଞାନ, କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ଅହଂ ଆଦି ଦସ୍ୟୁ ଅତ୍ୟନ୍ତ ସାବଧାନତାସହ ପହରା ଦେଉଛନ୍ତି । ମା'ଙ୍କ କୃପାର ଛାୟା ପଡ଼ିବା ମାତ୍ରେ ଏହିସବୁ କାମ, କ୍ରୋଧ, ଅହଂ ଆଦି ଦସ୍ୟୁଗଣ ବାଧାବିଘ୍ନର ହିମାଳୟ ପାହାଡ଼ ଆଣି ମା'ଙ୍କ କୃପାପଥକୁ ରୋଧ କରି ଦେଉଛନ୍ତି । ଏହି ଦ୍ୱନ୍ଦ୍ୱ ଚାଲୁଅଛି ଭାଗବତୀ ଶକ୍ତିଙ୍କ କରୁଣା ଏବଂ ଅଦିବ୍ୟ ଶକ୍ତିର ଅଜ୍ଞାନ-ମୋହ ସହିତ । ବ୍ୟକ୍ତି ଯେଉଁ ଶକ୍ତିକୁ ସ୍ୱୀକାର କରେ, ଯେଉଁ ଶକ୍ତିକୁ ସମର୍ପଣ କରେ, ସେହି ଶକ୍ତି ହୁଏ ଅଧିକ ପ୍ରବଳ । ଅଦିବ୍ୟ ଶକ୍ତିର ଅଧିକାର ପୂର୍ବରୁ ରହିଆସିଅଛି । ସେହି ସକାଶେ ଭାଗବତୀ ଶକ୍ତି ଅର୍ଥାତ୍ ମା'ଙ୍କ କରୁଣା ଜବରଦସ୍ତି କ୍ରିୟା ନ କରି ବ୍ୟକ୍ତିର ଆବାହନକୁ ଅପେକ୍ଷା

କରୁଅଛି । କେବେ କେବେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇ ପଡ଼ିବାରୁ କାମ-କ୍ରୋଧାଦି ଦସ୍ୟୁଙ୍କର ପହରା ଢିଲା ହୋଇଯାଉଅଛି । ସେହି ସମୟରେ ବ୍ୟକ୍ତି-ଆତ୍ମାର ଆବରଣ ଦୂର ହେବାମାତ୍ରେ ମା' ନିଜ ଆଶୀର୍ବାଦର ସ୍ପର୍ଶ ଆତ୍ମାକୁ ଦେଉଅଛନ୍ତି । ଆତ୍ମା ସଚେତ ହୋଇ ବ୍ୟକ୍ତିର ଯଥାର୍ଥ ହିତ ଏବଂ ଅହିତର ଜ୍ଞାନ ପ୍ରକାଶ କରି ବ୍ୟକ୍ତିକୁ ବୁଝାଇ ଦେଉଅଛି । ସେହି ସମୟରେ ବ୍ୟକ୍ତି ସଜାଗ ହୋଇ ମା'ଙ୍କ ଆଶୀର୍ବାଦ ଚାହିଁବାମାତ୍ରେ ମା' ଆଶୀର୍ବାଦ ତା' ଉପରେ ବର୍ଷା କରୁଅଛନ୍ତି । ଏହାହିଁ ବ୍ୟକ୍ତି ସକାଶେ ଦେବମୁହୂର୍ତ୍ତ । ଏହି ସମୟରେ ବ୍ୟକ୍ତି ଅଜ୍ଞାନ, ଦୁଃଖ, ଦ୍ୱନ୍ଦ୍ୱ, ଜନ୍ମମରଣ-ବାଡ଼ବାନଳରୁ ମୁକ୍ତ ହେବା ସକାଶେ ଭଗବତ୍ ଅଭିମୁଖୀ ହେଉଛି ଏବଂ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ସକାଶେ ଦୃଢ଼ ସଂକଳ୍ପ କରୁଛି ତଥା ସେହି ସଂକଳ୍ପକୁ କ୍ରିୟାରେ ପରିଣତ କରିବାକୁ ଚେଷ୍ଟା କରୁଛି ।

## ବିଶ୍ୱାସ

ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ଦୁଇଟି ପ୍ରଣାଳୀ । ଗୋଟିଏ ବିଶ୍ୱାସ, ଅନ୍ୟଟି ସମର୍ପଣ, ଅଭୀପ୍ସା, ପ୍ରତିକୂଳ ବସ୍ତୁର ତ୍ୟାଗ ଆଦି ସାଧନା । ଏହି ଦୁଇଟି : ବିଶ୍ୱାସ ଏବଂ ସାଧନା ଏକ ଅନ୍ୟକୁ ଛାଡ଼ି ରହିପାରେ ନାହିଁ; ତଥାପି ସାଧନାର ପ୍ରଥମ ଅବସ୍ଥାରେ କାହାର ବିଶ୍ୱାସ ପ୍ରଧାନ, ସାଧନା ଗୌଣ ଥାଏ; କାହାର ସାଧନା ପ୍ରଧାନ, ବିଶ୍ୱାସ ଗୌଣ ଥାଏ । ସାଧନାରେ କିଛିଦୂର ଅଗ୍ରସର ହେବା ପରେ ଏହି ଦୁଇଟି ମିଶି ଏକ ହୋଇଯାଏ । ଆଉ ବିଶେଷତ୍ୱ ବା ଗୌଣତ୍ୱ ନ ଥାଏ । ବିଶ୍ୱାସ ବିନା ସମର୍ପଣ ହୋଇପାରେ ନାହିଁ କିଂବା ଅଭୀପ୍ସା ଉତ୍ପନ୍ନ ହୁଏ ନାହିଁ; ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ସଂକଳ୍ପ ଏବଂ ଅଭୀପ୍ସା କଲେ ବିଶ୍ୱାସ ନ ଆସି ରହିପାରେ ନାହିଁ । ଯଥାର୍ଥରେ ବିଶ୍ୱାସ, ଅଭୀପ୍ସା, ସମର୍ପଣ ନାମରେ ପୃଥକ୍, ତତ୍ତ୍ୱତଃ ଏକ । ମା'ଙ୍କ ଆଶୀର୍ବାଦପ୍ରାପ୍ତ ହେବାର ମାର୍ଗହିଁ ବିଶ୍ୱାସ, ସମର୍ପଣ ତଥା ଅଭୀପ୍ସା । ଏହାଛଡ଼ା ଅନ୍ୟ କୌଣସି ସାଧନା ଦ୍ୱାରା ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇପାରେ ନାହିଁ । ବିଶ୍ୱାସ ବିନା ସମସ୍ତ ଶକ୍ତିଶାଳୀ ତପସ୍ୟା, ପ୍ରବଳ ସାଧନାର କୌଣସି ଫଳ ନ ହୋଇ ବ୍ୟର୍ଥରେ ପରିଣତ ହୁଏ । ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ । ସେ ହୁଏ ଭଗବତ୍ ଜନ ବା ଭଗବତ୍ ଆଶ୍ରିତ ଅଥବା ଭଗବତ୍ ଶରଣାପନ୍ନ । ବ୍ୟକ୍ତି ଯଦି ମା'ଙ୍କର ଏହି ଆଶୀର୍ବାଦକୁ ବିଶ୍ୱାସର ସହ ଧାରଣ କରି ମା'ଙ୍କୁ ନିରନ୍ତର ସ୍ମରଣ ତଥା ସମର୍ପଣ କରେ, ତେବେ ମା' ତାକୁ ସମସ୍ତ ବିପଦ-ଆପଦରୁ ରକ୍ଷାକରି ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି । ସାଧନାର ପ୍ରଥମ ଅବସ୍ଥାରେ ମା'ଙ୍କ ଆଶୀର୍ବାଦ ବା କରୁଣାର ସ୍ପର୍ଶ ପାଏ ବ୍ୟକ୍ତିର ଉଚ୍ଚତର ସତ୍ତା । ବ୍ୟକ୍ତିର ଭୌତିକ ମନ ଏବଂ ପ୍ରାଣ; ଭୋଗ-ବାସନାରେ ଲାଳାୟିତ ଥାଏ । ମା'ଙ୍କ କୃପାକୁ ଚାହେଁ ନାହିଁ, ଗ୍ରହଣ କରେ ନାହିଁ; ଶରୀର ତ ଜଡ଼, ତା'ର ନିଜସ୍ୱ ବୋଲି କିଛି ନ ଥାଏ, ମନପ୍ରାଣ ଦ୍ୱାରା ଚାଳିତ ହେଉଥାଏ । ଏହିସବୁ ଅଶୁଦ୍ଧ ଅସଂସ୍କୃତ ମନ-ପ୍ରାଣ ଥାଏ ଅବିଦ୍ୟାମାୟା ବା ଭଗବତ୍‌ବିରୋଧୀ ଶକ୍ତିର ଅଧିକାରରେ । ସେ ଏହିସବୁକୁ ଯନ୍ତ୍ର କରି ସନ୍ଦେହ, ଅବିଶ୍ୱାସ, କାମ, କ୍ରୋଧ, ଲୋଭ, ମୋହକୁ ଆଣି ମା'ଙ୍କ କୃପାର ମାର୍ଗକୁ ରୋଧ କରି ବ୍ୟକ୍ତିକୁ ଭଗବତ୍‌ମାର୍ଗରୁ ଟାଣି ଆଣିବାକୁ ବରାବର ଚେଷ୍ଟା କରୁଥାଆନ୍ତି; ନାନା ପ୍ରକାର ବାଧାବିଘ୍ନ ଉପସ୍ଥାପନ କରୁଥାଆନ୍ତି । ବ୍ୟକ୍ତିସତ୍ତାର କୌଣସି ନଗଣ୍ୟ ଭାଗରେ ବିରୋଧିଶକ୍ତିର ଯେପର୍ଯ୍ୟନ୍ତ ଅଧିକାର ଥାଏ ସେପର୍ଯ୍ୟନ୍ତ ସେ ମା'ଙ୍କ କୃପାର ମାର୍ଗ ରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥାଆନ୍ତି । ପୂର୍ଣ୍ଣରୂପେ ସମସ୍ତ ସତ୍ତା, କିଛିମାତ୍ର ବାକି ନ ରହି, ମା'ଙ୍କୁ ସମର୍ପିତ ହୋଇଗଲେ ସେଥିରେ ଅଧିକାର ହୁଏ ମା'ଙ୍କ କୃପାଶକ୍ତିର । ସେ ପରିଚାଳିତ ହୁଏ ପୂର୍ଣ୍ଣରୂପେ ସତ୍ୟ ଦ୍ୱାରା । ସେ ନିବାସ କରେ ସତ୍ୟ, ଆନନ୍ଦ ଓ ପରମ ଶାନ୍ତିର ମଧ୍ୟରେ । ଭୌତିକ ଏବଂ ଅତିଭୌତିକ କୌଣସି ପ୍ରକାର ଦୁଃଖକଷ୍ଟ ତା'ର ନିବାସ ସ୍ଥାନର ବାତାବରଣରେ ପ୍ରବେଶ କରିବାମାତ୍ରେ ଭସ୍ମ ହୋଇଯାଏ । ତା'ର ସମର୍ପିତ ମନ-ପ୍ରାଣ-ଶରୀର ମା'ଙ୍କ ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ-ଜରା-ମୃତ୍ୟୁ ଏବଂ ଅବିଦ୍ୟା ମାୟାର ଅଧୀନରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ । ଏହାହିଁ ବ୍ୟକ୍ତିର ଯଥାର୍ଥ ସ୍ୱରୂପ ।

ପ୍ରଶ୍ନ : ତୁମେ କହିଲ – ''ମା'ଙ୍କ କୃପାପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ, ସେ ଯଦି ଏହାକୁ ବିଶ୍ୱାସ ସହ ଧାରଣ କରି ରଖିପାରେ ତେବେ ମା' ସମସ୍ତ ଦୁଃଖ-କଷ୍ଟରୁ ରକ୍ଷାକରି ତାକୁ ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି ।'' ତା'ପରେ କହିଲ– ''ଯେପର୍ଯ୍ୟନ୍ତ ବ୍ୟକ୍ତିର ସମସ୍ତ ସତ୍ତା ପୂର୍ଣ୍ଣରୂପେ ଭାଗବତୀ ଶକ୍ତିକୁ ସମର୍ପିତ ହୋଇ ନ ଥାଏ, କୌଣସି ନଗଣ୍ୟ ଭାଗରେ ଯଦି ଟିକିଏ ବାକି ଥାଏ, ତାହାକୁ ଆଶ୍ରୟ କରି ବିରୋଧୀ ଶକ୍ତି ବ୍ୟକ୍ତିକୁ ସନ୍ମାର୍ଗରୁ ଟାଣି ନେଇ ଯିବାକୁ ଚେଷ୍ଟା କରେ, ସାଧକ ସଜାଗ ନ ହୋଇ ମା'ଙ୍କ ଆଶ୍ରୟ ତ୍ୟାଗ କରି ବିରୋଧୀ ଶକ୍ତିର କପଟ ଜାଲରେ ପଡ଼ିଗଲେ ସେ ସତ୍ୟ ପଥରୁ ଖସି ଯାଇପାରେ ।'' ଯଦି ମା'ଙ୍କ ଆଶ୍ରିତ ହେବାର ମୋହର-ଛାପା ଲାଗିଯାଇଥାଏ, ତେବେ ତା'ର ପତନ ହୁଏ କିପରି ? ଏହା ପରିଷ୍କାର ଭାବେ ବୁଝାଇ ଦିଅ ।

ଉତ୍ତର : ବ୍ୟକ୍ତି ମା'ଙ୍କ କୃପା ପ୍ରତି ନିଷ୍କପଟ ତଥା ବିରୋଧୀ ଶକ୍ତିର ଆକ୍ରମଣ ପ୍ରତି ସଜାଗ ନ ରହି ତା' ପ୍ରଲୋଭନକୁ ସ୍ୱୀକାର କଲେ ତା'ର ସାମୟିକ ପତନ ହୋଇପାରେ, କିନ୍ତୁ ସେ ମା'ଙ୍କ କୃପାରୁ ପୁନରାୟ ସଚେତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ ଏବଂ ଶେଷରେ ଅବଶ୍ୟ ଭଗବତ୍ ପ୍ରାପ୍ତି କରେ, ଏଥିରେ କୌଣସି ସନ୍ଦେହ ନାହିଁ । ଯଦି ଆରମ୍ଭରୁ ସେ ମା'ଙ୍କ ପ୍ରତି ବିଶ୍ୱାସ ରଖେ ତେବେ ସେ ସହଜରେ ସମସ୍ତ ବାଧାବିପତ୍ତିକୁ ଅତିକ୍ରମ କରି ଯାଇପାରେ । କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତିର କୌଣସି ସାମାନ୍ୟ ଭାଗ ଅସମର୍ପିତ ଥାଏ, ସେପର୍ଯ୍ୟନ୍ତ ବିରୋଧୀ ଶକ୍ତି ବ୍ୟକ୍ତିକୁ ବିପରୀତ ମାର୍ଗକୁ ଟାଣି ନେବାର ସମ୍ଭାବନା ଥାଏ । ସେହିପର୍ଯ୍ୟନ୍ତ ବ୍ୟକ୍ତିକୁ ସଜାଗ ଏବଂ ସାବଧାନ ରହିବାକୁ ହୁଏ । ମା'ଙ୍କ କୃପାର ମୋହର ଲାଗିବାର ଅର୍ଥ ବ୍ୟକ୍ତି ସରଳ ମାର୍ଗରେ, ବିନା ଦୁଃଖଦ୍ୱନ୍ଦ୍ୱରେ, ଅବିଳମ୍ବେ ଅଥବା ଜଟିଳ, ଦୁର୍ଭେଦ୍ୟ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ଉତ୍‌ଥାନ-ପତନ ମାର୍ଗରେ ମହାନ୍ ବାଧା-ବିପତ୍ତିର ସମ୍ମୁଖୀନ ହୋଇ ବହୁତ ବିଳମ୍ବରେ ଭଗବାନଙ୍କୁ ଅବଶ୍ୟ ପ୍ରାପ୍ତ ହୁଏ । ଥରେ ମା'ଙ୍କ ଆଶୀର୍ବାଦ ପାଇବା ପରେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱ, ମହାନ୍ ବିପତ୍ତିରେ ପଡ଼ି ମାଙ୍କୁ ପୂର୍ଣ୍ଣରୂପେ ଭୁଲିଗଲେ ମଧ୍ୟ ମା' ତାକୁ ତ୍ୟାଗ କରନ୍ତି ନାହିଁ, ପୁନରାୟ ତାକୁ ସତ୍ୟ-ମାର୍ଗକୁ ନେଇ ଆସିବାକୁ ପ୍ରତୀକ୍ଷା କରିଥାଆନ୍ତି; ଏବଂ ସୁଯୋଗ ପାଇବାମାତ୍ରେ ତାକୁ ଭଗବତ୍‌ସମ୍ମୁଖ କରିଦିଅନ୍ତି । ପ୍ରଥମରେ ମା'ଙ୍କ ଆଶୀର୍ବାଦ ପାଇ ସମସ୍ତ ପ୍ରତିକୂଳ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ ରଖି ସମର୍ପଣ କରି ଚାଲିବା ହେଲା ସିଧାମାର୍ଗ । ମା'ଙ୍କ ଆଶୀର୍ବାଦ ପାଇବା ପରେ ବିରୋଧିଶକ୍ତିର ଆକ୍ରମଣରେ ମୋହିତ ହୋଇ ମା'ଙ୍କ କୃପାକୁ ଭୁଲି ଇନ୍ଦ୍ରିୟର ବିଷୟରେ ଧାବିତ ହେବା ହେଲା ପତନ ଏବଂ ଦୁର୍ଭେଦ୍ୟ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ମାର୍ଗ ।

ବ୍ୟକ୍ତିର ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଜ୍ଞାନ ନ ଥାଏ । ତା'ର ସମସ୍ତ ସତ୍ତା ଦିବ୍ୟତତ୍ତ୍ୱର ବିକୃତ ରୂପ ବୋଲି ସେ ଭୁଲି ଯାଇଥାଏ । ମୋହମାୟା ଓ ଅଜ୍ଞାନତାର ବଶ ହୋଇ ବର୍ତ୍ତମାନ ଆରୋପିତ ମିଥ୍ୟା, ପାରିବାରିକ ମୋହମମତା, ଇନ୍ଦ୍ରିୟର ବିଷୟକୁ ସତ୍ୟ ମାନି ନେଇଥାଏ । ଜନ୍ମ-ମରଣର ମହାନ୍ ଦୁଃଖକଷ୍ଟରେ ଜର୍ଜରିତ ହେଉଥିବା ସତ୍ତ୍ୱେ ସେଥିରୁ ମୁକ୍ତ ହେବାର ସମ୍ଭାବନାର ଧାରଣା ତା' ପାଖରେ ନ ଥାଏ । ଏହି ମୋହଗ୍ରସ୍ତ ଅଜ୍ଞାନ-ଅନ୍ଧକାରପୂର୍ଣ୍ଣ ଅବସ୍ଥାରେ ଭଗବାନ୍ ଦୟାକରି ବ୍ୟକ୍ତିର ଅନ୍ତରତମ ପ୍ରଦେଶର ଜ୍ଞାନ-ଜ୍ୟୋତିଃ ପ୍ରକାଶ କରିଦିଅନ୍ତି, ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ସଚେତ ହୋଇ ନିଜ ଜୀବନର ଲକ୍ଷ୍ୟ ଜାଣି ଭଗବାନଙ୍କୁ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ପ୍ରଯତ୍ନ କରେ । ଏହାହିଁ ଭଗବାନଙ୍କର ନିର୍ହେତୁକ କୃପା । ଏହି କୃପାର ଅର୍ଥ ଭଗବାନଙ୍କ ମୋହର-ଛାପ ।

ଏହି ଅବସ୍ଥାରେ ବ୍ୟକ୍ତିର ମନ-ପ୍ରାଣ ଅଶୁଦ୍ଧ ଥାଏ । ଅଶୁଦ୍ଧ ମନ-ପ୍ରାଣର ବିଷୟ-ଭୋଗର ନରକଦ୍ୱାର ଯେପରି ଉନ୍ମୁକ୍ତ ଥାଏ, ସେହିପରି ଭଗବତ୍ ପ୍ରାପ୍ତି ମାର୍ଗ ମଧ୍ୟ ଉନ୍ମୁକ୍ତ ଥାଏ । ବ୍ୟକ୍ତି ଭଗବତ୍ ମାର୍ଗରେ ଅଗ୍ରସର ହେବାକୁ ତତ୍ପର ହେଲେ ସେଥିରେ ମା'ଙ୍କର ସାହାଯ୍ୟ ଅଧିକାଧିକ ପାଉଥାଏ ଏବଂ କ୍ରମଶଃ ବିପରୀତ ମାର୍ଗ ରୁଦ୍ଧ ହେବାକୁ ଆରମ୍ଭ କରେ । ବ୍ୟକ୍ତି ଯଦି ବିରୋଧୀ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇ ନିଜର ଇନ୍ଦ୍ରିୟ-ବିଷୟକୁ ଗ୍ରହଣ କରେ, ତେବେ ତା'ର ଅଧ୍ୟାତ୍ମ ମାର୍ଗରୁ ପତନ ହେବା ସ୍ୱାଭାବିକ ହୁଏ । ସେ ଅସହାୟ ରୂପେ ବିରୋଧୀ ଶକ୍ତିର କବଳରେ ପଡ଼ିଯାଏ । ସେତେବେଳେ ମଧ୍ୟ ମା'ଙ୍କ କୃପା ତାକୁ ପରିତ୍ୟାଗ କରେ ନାହିଁ । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଅନୁକୂଳ ସମୟକୁ ଅପେକ୍ଷା କରିଥାଏ । ସେହି ଜନ୍ମରେ ହେଉ ବା ପରଜନ୍ମରେ ହେଉ ବ୍ୟକ୍ତିର ଦୁଃଖକଷ୍ଟ ମଧ୍ୟଦେଇ ମା'ଙ୍କ କୃପା ପୁନରାୟ ବ୍ୟକ୍ତିକୁ

ସଚେତ କରାଏ । ବ୍ୟକ୍ତି ଦୃଢ଼ ସଂକଳ୍ପ ସହ ପୂର୍ବ ଦୁର୍ଗୁଣକୁ ତ୍ୟାଗ କରିବା ସକାଶେ ମା'ଙ୍କୁ ଡାକିଲେ ମା' ତାକୁ ସାହାଯ୍ୟ କରନ୍ତି । ସେ ପୁନରାୟ ଭଗବତ୍ ମାର୍ଗରେ ଯାତ୍ରା କରେ । ଭଗବତ୍ କୃପାପ୍ରାପ୍ତ-ବ୍ୟକ୍ତିର ସ୍ଥାୟୀ ପତନ ହୁଏ ନାହିଁ ।

କିନ୍ତୁ ବ୍ୟକ୍ତିର ସାଧନା ଆରମ୍ଭରୁ ଭଗବତ୍-ସମ୍ମୁଖ ହେବା ସଙ୍ଗେ ସଙ୍ଗେ ମା'ଙ୍କ ପ୍ରତି ବିଶ୍ୱାସ ରଖି ଦୃଢ଼ ସଂକଳ୍ପ ସହ ମା'ଙ୍କ ଆଶୀର୍ବାଦକୁ ଧରି ରଖିପାରିଲେ କ୍ରମଶଃ ସେ ଅନ୍ୟାନ୍ୟ ଭାଗକୁ ସମର୍ପଣ କରିଚାଲେ ଏବଂ ମା'ଙ୍କ କୃପା ଅଧିକରୁ ଅଧିକ ପାଏ । ବିରୋଧିଶକ୍ତିଙ୍କ ଦ୍ୱାରା ତା'ର ଆଉ ପତନ ହୁଏ ନାହିଁ, ସେ ସିଧାସଳଖ ମାର୍ଗରେ ଅଗ୍ରସର ହୁଏ । ସେ ଏକ ପାଦ ଆଗେ ବଢ଼ିଲେ ମା' ତାକୁ ସତ୍ୟ-ମାର୍ଗରେ ହଜାର ପାଦ ଚଳାଇ ନିଅନ୍ତି । ଛୋଟ ଶିଶୁ ସଦୃଶ ସକଳ ବିପଦାପଦରୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ବ୍ୟକ୍ତି ଯେତେ ଅଧିକ ସମର୍ପଣ କରେ, ଯେତେ ଅଧିକ ବିଶ୍ୱାସ ରଖେ, ମା'ଙ୍କ ଶକ୍ତି ତେତେ ଅଧିକ ସାଧକ ମଧ୍ୟରେ କ୍ରିୟା କରେ ଏବଂ ତାକୁ ରକ୍ଷା କରେ । ସାଧନାର ପ୍ରଥମ ଅବସ୍ଥାରେ ଯଦ୍ୟପି ନିଜର ନିମ୍ନସତ୍ତା, କାମ, କ୍ରୋଧ, ମୋହ, ଅଜ୍ଞାନ ଏବଂ ବାହ୍ୟ ଓ ଅନ୍ତର ପ୍ରତିକୂଳ ଶକ୍ତି ସର୍ବଦା ପ୍ରବଳ ଥାଆନ୍ତି, ତଥାପି କେବଳ ମା'ଙ୍କ ଉପରେ ବିଶ୍ୱାସ ରଖିପାରିଲେ ମା'ଙ୍କ ସାହାଯ୍ୟରେ ବ୍ୟକ୍ତି ଅନାୟାସରେ ଏହିସବୁ ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିଯାଏ । ଶ୍ରୀଅରବିନ୍ଦ ''The Mother'' (ମା) ବହିରେ ଲେଖିଛନ୍ତି : ''The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the divine Mother is the sanction of the Supreme and now or tomorrow its effect is sure, a thing decreed, inevitable and irresistible.''

ଅର୍ଥାତ୍– ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଏବଂ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ତେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଅଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା, ବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ । କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

ପ୍ରଶ୍ନ : ସାଧନାର ପ୍ରଥମ ଅବସ୍ଥାରେ କାମ, କ୍ରୋଧ, ମୋହ, ଅଜ୍ଞାନ ଆଦି ପ୍ରତିକୂଳ ଶକ୍ତି ପ୍ରବଳ ଥାଆନ୍ତି; ଏସବୁ ସନ୍ଦେହ, ଅବିଶ୍ୱାସ ନେଇଆସନ୍ତି, ପ୍ରତ୍ୟେକ ଇନ୍ଦ୍ରିୟ ନିଜ ନିଜ ବିଷୟ-ଭୋଗ ଆଡ଼କୁ ଟାଣୁଥାଆନ୍ତି, ସେ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ କି ଉପାୟରେ ରଖାଯାଇପାରେ ?

ଉତ୍ତର : ଏହାର ଅତ୍ୟନ୍ତ ସରଳ ଉପାୟ ହେଲା : ମା'ଙ୍କୁ ନିଜର, ଅତ୍ୟନ୍ତ ନିଜର, ନିଜ ମା' ବୋଲି ମାନି

ନିଅ । ନିଜ ପାଖରେ ସର୍ବଦା ଅଛନ୍ତି, ସବୁ ଦେଖୁଛନ୍ତି, ସମସ୍ତ ଜାଣୁଛନ୍ତି, ସମସ୍ତ ଦୁଃଖକଷ୍ଟ, ବିପଦ-ଆପଦରେ ରକ୍ଷା କରୁଅଛନ୍ତି ବୋଲି ଦୃଢ଼ଭାବେ ବିଶ୍ୱାସ କର । ତାଙ୍କ ପାଖରେ ଏକେବାରେ ନିଷ୍କପଟ ହୋଇଯାଅ, ଯେପରିକି ନିଜ ଅନ୍ତଃକରଣ ପାଖରେ । ଯାହା ଭଲ, ମନ୍ଦ, ସୁଖ, ଦୁଃଖ, ବିପଦ-ଆପଦ ସବୁ ତାଙ୍କ ପାଖରେ ମନେ ମନେ ଅଥବା ବାକ୍ୟରେ କୁହ । ମା' ଯେପରି ପ୍ରତ୍ୟକ୍ଷଭାବେ ତୁମ ପାଖରେ ଛିଡ଼ା ହୋଇ ତୁମର ସମସ୍ତ କଥା ଆଗ୍ରହ ସହିତ ଶୁଣୁଛନ୍ତି, ଏହିପରି ଧାରଣା କର । ପ୍ରତିକୂଳ ଅବସ୍ଥା ଯଦି ପ୍ରବଳ ପ୍ରତୀତ ହୁଏ, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ନ ଥାଏ, ଚତୁଃପାର୍ଶ୍ୱରେ ଅନ୍ଧକାର ଘୋଟି ଆସିଥାଏ, ସେତେବେଳେ ବି ନିରାଶ, ହତାଶ ହୁଅ ନାହିଁ । ବିଶ୍ୱାସ ରଖ, ଭରସା ରଖ । ମା' ତାଙ୍କର ଅସୀମ, ଅଲୌକିକ, ଅବ୍ୟର୍ଥ ଶକ୍ତିରେ ତୁମକୁ ରକ୍ଷା କରିବେ । ଏଥିରେ ଦୃଢ଼ ରହ । ଘୋର ଅନ୍ଧକାରରେ ତାଙ୍କର ଜ୍ୟୋତିଃର ପ୍ରକାଶ ହେବ, ଏଥିରେ ନିଃସନ୍ଦେହ ହୁଅ । ଯଦି କାନ୍ଦିବାକୁ ହୁଏ, ମା'ଙ୍କ ପାଖରେ କାନ୍ଦ । ଅପରାଧ ନ କରିବା ସକାଶେ ମା'ଙ୍କ କୃପା ଏବଂ ଶକ୍ତିର ଆଶ୍ରୟରେ ଦୃଢ଼ ପ୍ରତିଜ୍ଞା କର । ମା'ଙ୍କ ପ୍ରତି ଅବିଶ୍ୱାସ, ସନ୍ଦେହ ଆସିଲେ; ସେଥିରେ ବି ହତାଶ ବା ନିରାଶ ହୁଅ ନାହିଁ । ବ୍ୟାକୁଳ ହୋଇ ମା'ଙ୍କୁ କୁହ, ପ୍ରାର୍ଥନା କର, ସନ୍ଦେହ-ଅବିଶ୍ୱାସକୁ ତାଙ୍କରି ଚରଣରେ ନିବେଦନ କରିଦିଅ ।

## ପ୍ରାର୍ଥନା

ନିଜର ଇନ୍ଦ୍ରିୟସବୁ ପୂର୍ବ ଅଭ୍ୟାସବଶତଃ ସ୍ୱାଭାବିକରୂପେ ବିଷୟରେ ଧାବିତ ହୁଅନ୍ତି, ମନରେ ସେହିସବୁ ବିଷୟରେ ବିଚାର ଆସେ । ଦୀପଶିଖାରେ ପତଙ୍ଗ ଝାସ ଦେବା ସଦୃଶ ପ୍ରାଣ ବିଷୟରେ ଡେଇଁ ପଡ଼ିବାକୁ ଚାହେଁ । ସେହି ପ୍ରତିକୂଳ ସମୟରେ ଇନ୍ଦ୍ରିୟର ପ୍ରଲୋଭନକାରୀ ବାହ୍ୟ ବସ୍ତୁର ଆକ୍ରମଣ ମଧ୍ୟ ହୁଏ । ଏହି ସମୟ ବହୁତ ବିପଜ୍ଜନକ । ସେତେବେଳେ ସାଧକ ନିଜକୁ ଏକେବାରେ ଅସହାୟ ଓ ଅସମର୍ଥ ମନେକରେ । ମା'ଙ୍କ ପ୍ରତି ଥିବା ଶ୍ରଦ୍ଧା-ଭକ୍ତି ଆବୃତ ହୋଇ ଯାଇଥାଏ, ସମର୍ପଣ ଭାବ ଆସେ ନାହିଁ । ମା'ଙ୍କ ନାମ ସ୍ମରଣରେ ରୁଚି ନ ଥାଏ, ଥାଏ କେବଳ ବିଷୟର ବିଚାର । ଏହି ସମୟରେ ସାବଧାନ ହୁଅ । କେବଳ ବୁଦ୍ଧିକୁ ସମ୍ମୁଖରେ ରଖ । ବିଶ୍ୱାସ, ଭକ୍ତି, ଶ୍ରଦ୍ଧା, ସମର୍ପଣଭାବ ବିଷୟରୂପୀ ଘୋର ଅନ୍ଧକାରରେ ଆବୃତ ହୋଇଯାଇଥିବା ସତ୍ତ୍ୱେ ମା'ଙ୍କୁ କେବଳ ଶବ୍ଦରେ ପ୍ରାର୍ଥନା କର । କୁହ — ''ମୁଁ ଏକେବାରେ ନିଃସହାୟ । ବିରୋଧୀ ଶକ୍ତିମାନେ ନିଜ ମାୟା ଜାଲରେ ମୋ ହାତଗୋଡ଼ ବାନ୍ଧି ମୋତେ ପଙ୍ଗୁ କରି ଦେଇଛନ୍ତି । ଏହି ସମୟରେ ତୁମେ ତୁମର ଅହେତୁକୀ କୃପାରେ ମୋତେ ରକ୍ଷା କର । ତୁମେ ଅଶରଣର ଶରଣ, ଦରିଦ୍ରର ବନ୍ଧୁ, ତୁମେ ନିଜ କରୁଣାରେ ଦୁର୍ଦାନ୍ତ ରାକ୍ଷସରାଜ ହିରଣ୍ୟକଶିପୁ ହାତରୁ ପ୍ରହ୍ଲାଦକୁ ମୃତ୍ୟୁମୁଖରୁ ରକ୍ଷା କରିଥିଲ । ରାବଣ ତ୍ରାସରେ ତ୍ରାସିତ ବିଭୀଷଣକୁ ଶରଣ ଦେଇଥିଲ, ତୁମ ଆଶ୍ରିତ ଜନ ବିପଦରେ ପଡ଼ି ତୁମକୁ ଡାକିଲେ ନିଜ ଐଶ୍ୱର୍ଯ୍ୟକୁ ଭୁଲି ଆଶ୍ରିତକୁ ରକ୍ଷା କରିବାକୁ ଧାଇଁଯାଅ । ଅଶ୍ୱତ୍ଥାମାର ବ୍ରହ୍ମାସ୍ତ୍ରରୁ ପରୀକ୍ଷିତଙ୍କୁ ଉତ୍ତରାଗର୍ଭରେ ଚକ୍ର ଉଡ଼ାଳି ରକ୍ଷା କରିଥିଲ । ଗଜକୁ କୁମ୍ଭୀର ବୁଡ଼ାଇ ଦେଉଥିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଗରୁଡ଼ପିଠିରୁ ଉତରି ଦୌଡ଼ିଥିଲ, କୁମ୍ଭୀରକୁ ବିନାଶ କରି ଗଜକୁ ରକ୍ଷା କରିଥିଲ । ରାଜସଭାରେ ଦ୍ରୋଣ-ଭୀଷ୍ମାଦି ଗୁରୁଜନଙ୍କ ସମ୍ମୁଖରେ ପାଣ୍ଡବ-କୁଳବଧୂ ଦ୍ରୌପଦୀକୁ ବିବସ୍ତ୍ର କରିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଭୋଜନ ଛାଡ଼ି ତାକୁ ରକ୍ଷା କରିଥିଲ । ଦ୍ରୌପଦୀ ଖଣ୍ଡିଏ ମାତ୍ର ବସ୍ତ୍ର ପରିଧାନ କରିଥିଲେ । ସେହି ବସ୍ତ୍ର ସହିତ ତୁମେ ଏକ ହୋଇଯିବାରୁ ତାହା ହୋଇଗଲା ଅନନ୍ତ । ସେହି ଦ୍ରୌପଦୀଙ୍କର ବସ୍ତ୍ର ଟାଣି ଦୁଃଶାସନ ପାହାଡ଼ ସଦୃଶ ଜମା କରିଦେଲା । ଶହେ ହାତୀର ବଳ ଧାରଣ କରିଥିବା ଦୁଃଶାସନର ବଳ ହ୍ରାସ ହୋଇଗଲା । କିନ୍ତୁ ବସ୍ତ୍ର ସମାପ୍ତ ହେଲା ନାହିଁ । ଶେଷରେ ସେ ଦୁର୍ବଳ ହୋଇ ଦ୍ରୌପଦୀଙ୍କ ଅଙ୍ଗରୁ ବସ୍ତ୍ର ଆଉ ଟାଣି ନ ପାରି ଲଜ୍ଜାରେ ମୁଖ ପୋତି ବସିପଡ଼ିଲା । ପାଣ୍ଡବଙ୍କ ଭକ୍ତିବଶ ହୋଇ ସେମାନଙ୍କ ହିତକାମନାରେ ଦୂତ ହୋଇ ଦୁର୍ଯ୍ୟୋଧନ ପାଖକୁ ଗଲ; ସେଠାରେ ଷଡ଼ରସ ଭୋଜନ ତ୍ୟାଗ କରି ବିଦୁର ଘରେ ଶାଗ ଖାଇ ସନ୍ତୁଷ୍ଟ ହେଲ । ତ୍ରେତାରେ ଗୃଧ୍ରରାଜର ମୃତ୍ୟୁ ସମୟରେ ତାକୁ ନିଜ କୋଳରେ ଧାରଣ କଲ, ନିଜ

ହସ୍ତରେ ତା'ର ଶବଦାହ ତଥା ଅନ୍ତ୍ୟେଷ୍ଟି-କ୍ରିୟା ସମ୍ପନ୍ନ କଲ । ତୁମ କରୁଣାର ସୀମା ନାହିଁ, ବ୍ୟକ୍ତି ତାହା କଳ୍ପନା କରିବାକୁ ଅସମର୍ଥ । ସେହି ଅନନ୍ତ ଅଫୁରନ୍ତ କରୁଣାରେ ମନୁଷ୍ୟର ସୀମିତ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ । ଏପରି କରୁଣା ବିଦ୍ୟମାନ ଥିବା ସତ୍ତ୍ୱେ ଅଭାଗା ଜୀବ ଦୁଃଖ ପାଉଅଛି । ପ୍ରପୀଡ଼ିତ ଜୀବଙ୍କୁ ଉଦ୍ଧାର କରିବା ସକାଶେ ଏହି ପୃଥିବୀରେ କେତେ ପିତା, ମାତା, ଗୁରୁ ରୂପେ ଅବତାର ନେଇଛ । ଏହି ପୃଥିବୀରେ ସ୍ୱର୍ଗରାଜ୍ୟ ସ୍ଥାପନ କରିବା ସକାଶେ ବର୍ତ୍ତମାନ ତୁମେ ମା' ରୂପେ ପ୍ରାପ୍ତ ହୋଇଅଛ । ମୁଁ ନିଃସହାୟ । ମୋର କେହି ମାତ୍ର ଆଶ୍ରୟ ନାହିଁ । ତୁମ କୃପାପ୍ରାପ୍ତିର ଉପାୟ ଭକ୍ତି, ସମର୍ପଣ, ଅଭୀପ୍ସା ମୋର ନାହିଁ । ମାତ୍ର ମୋର ଏକମାତ୍ର ଆଶ୍ରୟ ତୁମେ; ତୁମେ ନିଜ କରୁଣା, ନିଜ କୃପା ଗୁଣରେ ମୋତେ ରକ୍ଷାକର, ସାହାଯ୍ୟ କର; ଜ୍ଞାନ, ଭକ୍ତି, ଶକ୍ତି, ଧୈର୍ଯ୍ୟ ଓ ସାହସ ଦିଅ । ମୋର ସମସ୍ତ ସତ୍ତାକୁ ମୁଁ ଯେପରି ତୁମ ଚରଣରେ ନିଃଶେଷରେ ନିବେଦନ କରିପାରେ । ତୁମରି ଆଶ୍ରୟରେ, ତୁମରି ଶକ୍ତିରେ ପ୍ରତିକୂଳ ଶକ୍ତିର ଆକ୍ରମଣକୁ ଅତିକ୍ରମ କରିପାରେ, ସମସ୍ତ ବାଧାବିପତ୍ତିରେ ତୁମରି ଆଶ୍ରୟରେ ଅବିଚଳିତ ରହି ପ୍ରତିକୂଳ ଆକ୍ରମଣକୁ ଉତ୍ତର ଦେଉଥିବା ସତ୍ତାକୁ ଯେପରି ତୁମ ଚରଣରେ ସମର୍ପଣ କରିପାରେ ।''

ସେହି ପ୍ରତିକୂଳ ତଥା ବିଚଳିତ ଅବସ୍ଥାରେ ଏହି ପ୍ରକାର ପ୍ରାର୍ଥନା କଲେ ମନ ଏକାଗ୍ର ହୁଏ ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରିବାର ମାର୍ଗ ଉନ୍ମୁକ୍ତ ହୋଇଯାଏ । ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରି ବିରୋଧୀ ଶକ୍ତିକୁ ବିତାଡ଼ିତ କରିଦିଏ । ତାହାର ସ୍ଥାନରେ ଆଣିଦିଏ ଶାନ୍ତି, ଶକ୍ତି, ସମର୍ପଣର ଭାବ, ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଦିବ୍ୟାନନ୍ଦ । ବିରୋଧିଶକ୍ତିର ଆକ୍ରମଣ ବ୍ୟର୍ଥ ହେବାରେ ସାଧକର ହୁଏ ଗୋଟିଏ ଦୃଢ଼ ପଦକ୍ଷେପ । ଏହାରି ଦ୍ୱାରା କ୍ରମଶଃ ବଢ଼େ ସାହସ, ଧୈର୍ଯ୍ୟ ଏବଂ ବିଶ୍ୱାସ । ସବୁଠାରୁ ଶକ୍ତିଶାଳୀ, ସରଳ ଓ ନିରାପଦ ମାର୍ଗ ହେଲା ମା'ଙ୍କ ପ୍ରତି ବିଶ୍ୱାସ । ବିଶ୍ୱାସ ନିରପେକ୍ଷ । ତାହା କୌଣସି ସାଧନା ଉପରେ ନିର୍ଭର କରେ ନାହିଁ, ପ୍ରାପ୍ତ ହୁଏ ଅଭୀପ୍ସାରେ । ତାହାକୁ ଧରି ରଖିଲେ ତାହା କ୍ରମଶଃ ବଢ଼େ ।

## ଧ୍ୟାନ

ଧ୍ୟାନର ଏକେବାରେ ପ୍ରାରମ୍ଭିକ ଅବସ୍ଥାରେ ସରଳ ଉପାୟ ହେଲା ମା'ଙ୍କ ଫଟୋ ସାମନାରେ ରଖି ଆଖି ଖୋଲି ଦେଖ । ପରେ ଆଖି ବନ୍ଦ କରି ସେହି ଫଟୋକୁ ଦେଖି ପାରିଲେ ହୃଦୟର ଗଭୀରକୁ ନେଇଯିବାକୁ ଚେଷ୍ଟା ବା ସଂକଳ୍ପ କର । ନିୟମିତରୂପେ ପ୍ରତିଦିନ ଠିକ୍ ସମୟରେ ଧ୍ୟାନ ଅଭ୍ୟାସ କରି ହୃଦୟର ଗଭୀରରେ ମା'ଙ୍କ ମୂର୍ତ୍ତିକୁ ନେଇଯିବାର ଚେଷ୍ଟା ଜାରି ରଖିଲେ ବ୍ୟକ୍ତିର ଅଭୀପ୍ସା ତୀବ୍ର ବା ଶିଥିଳ ହେବା ଅନୁସାରେ କମ୍ ଅଥବା ଅଧିକ ଦିନରେ ହୃଦୟ ଗଭୀରରେ ସେ ପ୍ରବେଶ କରିପାରେ । ଯେତେ ଗଭୀରକୁ ଯାଇପାର ଯାଅ । ମା'ଙ୍କ ଫଟୋରେ ଚେତନା ଏକାଗ୍ର ହେବା ସଙ୍ଗେ ସଙ୍ଗେ କିଂବା ହୃଦୟରେ ପ୍ରବେଶ କରିବା ପରେ ଅଥବା ବହୁତ ଗଭୀରକୁ ଯିବା ପରେ ମା'ଙ୍କ ମୂର୍ତ୍ତି ଅନ୍ତର୍ହିତ ହୋଇ କେବଳ ଚେତନା ଏକାଗ୍ର ହୋଇପାରେ । କେବେ କେବେ ସେହି ଚେତନା ହୃଦୟ ଗଭୀରରୁ ବାହାରି ଆସି ଭିନ୍ନ ଭିନ୍ନ କେନ୍ଦ୍ରରେ କ୍ରିୟା କରିପାରେ । ସେତେବେଳେ ବ୍ୟକ୍ତି ନିଜ ଚେତନାର କ୍ରିୟାର ପ୍ରତିକୂଳ ଇଚ୍ଛା ବା ସଂକଳ୍ପ ନ କରି ଚେତନାର ଗତିରେ ନିଜ ସଂକଳ୍ପକୁ ଏକ କରିଦେବ । କେବଳ ଅନ୍ୟ ବିଚାରକୁ ପ୍ରବେଶ କରିବାକୁ ଦେବ ନାହିଁ ।

ପ୍ରଶ୍ନ : ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ପ୍ରଣାଳୀ କ'ଣ ?

ଉତ୍ତର : ଭକ୍ତି, ସମର୍ପଣ, ବିଶ୍ୱାସ ଏବଂ ଆନ୍ତରିକ ନିଷ୍ଠା ।

ପ୍ରଶ୍ନ : ବହୁତ ବ୍ୟକ୍ତି ନିଜ ନିଜ ଦୁଃଖ କଷ୍ଟରୁ ନିବୃତ୍ତ ହେବା ସକାଶେ ମା'ଙ୍କ କୃପା ବା ଆଶୀର୍ବାଦ ଚାହାନ୍ତି । ସେମାନଙ୍କ ମଧ୍ୟରୁ କାହାରି ସଫଳ ହୁଏ କାହାରି ବିଫଳ ହୁଏ । ଏହାର କାରଣ କ'ଣ ?

ଉତ୍ତର : ସାଧାରଣତଃ ସଫଳତା ବା ବିଫଳତା ନିର୍ଭର କରେ ବ୍ୟକ୍ତିର ବିଶ୍ୱାସ ଏବଂ ନିଷ୍ଠା ଉପରେ । ବ୍ୟକ୍ତିର

ବିଶ୍ୱାସ ଓ ନିଷ୍ଠା ନ ଥିଲେ ମା'ଙ୍କ ଆଶୀର୍ବାଦର ପ୍ରବେଶ ମାର୍ଗ ତା ଆଧାରରେ ରୁଦ୍ଧ ଥାଏ, ସେଥିପାଇଁ ସଫଳତା ଆସିପାରେ ନାହିଁ । ଏହା ସାଧାରଣ ନିୟମ ।

ତା' ଛଡ଼ା ଅନ୍ୟ କାରଣ ହେଉଛି – ଯେଉଁ ବ୍ୟକ୍ତି ମା'ଙ୍କୁ ସମର୍ପଣ କରିଥାଏ, ବିଶ୍ୱାସ ଓ ନିଷ୍ଠା ରଖିଥାଏ, କିନ୍ତୁ ଅଜ୍ଞାନ, ମୋହବଶରେ ନିଜର ଅନିଷ୍ଟ କରିବା ବସ୍ତୁ ଚାହେଁ । ଏପରିସ୍ଥଳେ ମା' ତା'ର ଅଭୀଷ୍ଟ ବସ୍ତୁ ଦିଅନ୍ତି ନାହିଁ । ରୋଗୀ କୁପଥ୍ୟ ଚାହିଁଲେ ଯେପରି ବୈଦ୍ୟ ଦିଏ ନାହିଁ, ସେହିପରି ଭକ୍ତର ଅନିଷ୍ଟକାରୀ ବସ୍ତୁ ମା' ଦିଅନ୍ତି ନାହିଁ, ବରଂ ସନ୍ତାନ ଶରୀରରେ ହୋଇଥିବା ବଥକୁ ମା' ଯେପରି ସନ୍ତାନର ପୀଡ଼ାକୁ ଭ୍ରୁକ୍ଷେପ ନ କରି ଚିପି ପୂଯ ବାହାର କରିପକାଏ, ସେହିପରି ମା' ଆଶ୍ରିତର ବିପଜ୍ଜନକ ଦୋଷକୁ ନିର୍ମମ ଭାବେ ଦୂର କରନ୍ତି, ସେଥିରେ ସାଧକର ଦୁଃଖ ବା ପୀଡ଼ାକୁ ଭ୍ରୁକ୍ଷେପ କରନ୍ତି ନାହିଁ ।

ବ୍ୟକ୍ତି ଶ୍ରଦ୍ଧା, ଭକ୍ତି ଓ ନିର୍ଭରତା ସହିତ ମା'ଙ୍କ ଆଶୀର୍ବାଦ ଚାହିଁଲେ ଭଗବତ୍ ଶକ୍ତି ତା' ଆଧାରରେ ପ୍ରବେଶ କରି କାର୍ଯ୍ୟ କରେ । କିନ୍ତୁ ତାହାର ଚାହିଁବା ବସ୍ତୁ ସିଦ୍ଧିରେ ଯଦି ତା'ର ଆତ୍ମାର ବିକାଶ ହୁଏ, ତେବେ ମା' ସେଥିରେ ସାହାଯ୍ୟ କରନ୍ତି, ଅନ୍ୟଥା ତା'ର କେବଳ ପ୍ରାଣର ବାସନା କାମନାର ତୁଷ୍ଟି ଏବଂ ଅହଂ ଓ ସ୍ୱାର୍ଥର ବୃଦ୍ଧି ସକାଶେ ମା' ଶକ୍ତି ପ୍ରୟୋଗ କରନ୍ତି ନାହିଁ । ବ୍ୟକ୍ତି ଭଗବତ୍ କୃପା ଲାଭ କରିବା ପରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ସକାଶେ ଏବଂ ପୂର୍ବ ଦୁର୍ଗୁଣସବୁକୁ ତ୍ୟାଗ କରିବା ସକାଶେ ସଂକଳ୍ପ କରିବା ଉଚିତ; ଏବଂ କ୍ରମଶଃ ତାକୁ ଯଥାସମ୍ଭବ କାର୍ଯ୍ୟରେ ପରିଣତ କରିବାକୁ ପ୍ରଚେଷ୍ଟା କରିବା ଉଚିତ । ଏହା ନ ହେଲେ ଭଗବତ୍ କୃପା ବ୍ୟକ୍ତିଠାରୁ ଦୂରେଇ ଯାଏ । ମା'ଙ୍କ କୃପା ସମସ୍ତଙ୍କ ସକାଶେ ସମାନ । ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସନ୍ତାନ । ତାଙ୍କର କେହି ପ୍ରିୟ ବା ଅପ୍ରିୟ ନାହିଁ । ସେ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ସକାଶେ ଏହି ଧରାତଳକୁ ଆସିଛନ୍ତି । କାହାର ଅଭିପ୍ରେତ କାର୍ଯ୍ୟ ସିଦ୍ଧି ନ ହେଲେ ଯଦିଓ ବାହ୍ୟତଃ ତା'ର ଅନିଷ୍ଟ ଦୃଷ୍ଟିଗୋଚର ହୁଏ ତଥାପି ସେଥିରେ ତାହାର ପ୍ରକୃତରେ କଲ୍ୟାଣ ହୁଏ । ଆମାଶୟ ରୋଗୀ, କ୍ଷୁଧାର୍ତ୍ତ ଛୋଟ ଶିଶୁ, ମଇଁଷି ଦୁଧର ଖିରି ଖାଇବାକୁ ଲାଳାୟିତ ହୋଇ କ୍ରନ୍ଦନ କଲେ ମା' ତାକୁ ତାହା ଦିଏ ନାହିଁ, ତାହାର କରୁଣ କ୍ରନ୍ଦନ ନିଷ୍ଠୁର ହୃଦୟବତ୍ ସହନ କରେ । କାରଣ ସେ ଭୋଜନର କୁପରିଣାମ ସମ୍ବନ୍ଧେ ସଚେତ ଥାଏ ।

ମନୁଷ୍ୟକୁ ଯେଉଁ ଦୁଃଖ, ଦାରିଦ୍ର୍ୟ, ରୋଗ, ଶୋକ ଆଦି ଭୋଗିବାକୁ ପଡ଼େ ତାହା ତା'ର ଉନ୍ନତିରେ ସହାୟକ ହୁଏ । ମନୁଷ୍ୟକୁ ପ୍ରାରବ୍ଧ ଓ କ୍ରିୟମାଣ କର୍ମ ଭୋଗ କରିବାକୁ ହୁଏ । ପ୍ରାରବ୍ଧ ନିର୍ଦ୍ଧାରିତ ହୁଏ ସଞ୍ଚିତ କର୍ମରୁ । ପ୍ରାରବ୍ଧକୁ ସରଳ ଆଉ ଦୁର୍ବଳ କରେ କ୍ରିୟମାଣ କର୍ମ । ସଞ୍ଚିତ କର୍ମର ଅର୍ଥ ବହୁ ଜନ୍ମର ଜମା ସଞ୍ଚିତ ଥିବା କର୍ମ ଯାହା ଭୋଗ କରା ହୋଇ ନାହିଁ । ମନୁଷ୍ୟ ମୃତ୍ୟୁ ପରେ ପୃଥିବୀରେ ଜନ୍ମ ହେବା ପୂର୍ବରୁ ତା'ର ଆତ୍ମା ବା ଚୈତ୍ୟ ପୁରୁଷ ନିଜର ବିକାଶୋପଯୋଗୀ ଦୁଃଖ, ସୁଖ, ମାନ, ଅପମାନ, ରୋଗ, ନୀରୋଗ, ଦରିଦ୍ରତା, ସମୃଦ୍ଧିଶାଳିତା ଇତ୍ୟାଦି ଭୋଗ କରି ସେହି ଭୋଗ ମଧ୍ୟ ଦେଇ ନିଜର କ୍ରମବିକାଶ ମାର୍ଗରେ ଅଗ୍ରସର ହେବା ନିମିତ୍ତ ଯାହା ନିର୍ଦ୍ଧାରିତ କରେ ତାହାହିଁ ହୁଏ ଭାଗ୍ୟ – ପ୍ରାରବ୍ଧ । ଗ୍ରାମ୍ୟ ଭାଷାରେ କୁହାଯାଏ – ''କପାଳ ଲିଖନ, କେ କରିବ ଆନ ।'' ଭାଗ୍ୟର ଭୋଗ ଅନିବାର୍ଯ୍ୟ । ବଡ଼ ବଡ଼ ମହାତ୍ମା, ସନ୍ଥମାନଙ୍କୁ ବି ଏହା ଭୋଗ କରିବାକୁ ହୁଏ ।

ଏହି ଭାଗ୍ୟ ଗୋଟିଏ ଗଛ ସଦୃଶ । ବର୍ତ୍ତମାନ କର୍ମ ରୂପକ ଜଳ, ସାର ଓ ଯତ୍ନ ଦ୍ୱାରା ଭାଗ୍ୟ-ବୃକ୍ଷକୁ ସବଳ ଓ ଏହାର ଅଭାବରେ ଦୁର୍ବଳ କରାଯାଇପାରେ । ତଥାପି କିଛି ମାତ୍ରାରେ ଅବଶ୍ୟ ଭୋଗ କରିବାକୁ ପଡ଼େ । ଯେପରି ପ୍ରାରବ୍ଧ ଅନୁସାରେ ଆଜନ୍ମ ଉଦର ରୋଗୀ ଯଦି ଭଗବତ୍ ଉପାସନା କରେ, ନିୟମିତରୂପେ ଭୋଜନ କରେ, ନିୟମିତ ନିଦ୍ରା ଯାଏ, ନିୟମିତ ବ୍ୟାୟାମ କରେ, ତେବେ ତାହାର ଉଦର ରୋଗ ପୂରାପୂରି ଚାଲି ନ ଗଲେ ସୁଦ୍ଧା ବହୁତ କମ୍ ହୋଇଯାଏ, ଶରୀରର କାର୍ଯ୍ୟରେ କୌଣସି ବାଧା ଆସେ ନାହିଁ । ସେହି ବ୍ୟକ୍ତି କୌଣସି ଉପାୟ ନ କରି ଅଳସୁଆ ହୋଇ ପଡ଼ି ରହିଲେ ଉଦର ରୋଗ ଭୀଷଣରୁ ଭୀଷଣତର ହୋଇ ଅନ୍ୟାନ୍ୟ ବହୁ ରୋଗ ଉତ୍ପନ୍ନ କରାଏ ଏବଂ ରୋଗୀ ଶଯ୍ୟାଶାୟୀ ହୁଏ । ଏପରିକି ଆୟୁ ସମାପ୍ତ ହେବା ପୂର୍ବରୁ ମୃତ୍ୟୁ ଆସିଯାଏ । ପ୍ରାରବ୍ଧ ଅନିବାର୍ଯ୍ୟ ହେବା ସତ୍ତ୍ୱେ କ୍ରିୟମାଣ କର୍ମ ଦ୍ୱାରା ମନୁଷ୍ୟ ସେଥିରୁ ବହୁ ପରିମାଣରେ ମୁକ୍ତ ହୋଇପାରେ, କିନ୍ତୁ ପୂର୍ଣ୍ଣରୂପେ ସେଥିରୁ

ମୁକ୍ତ ହୋଇ ତାକୁ ପରିବର୍ତ୍ତନ କରିପାରେ ନାହିଁ । କେବଳ ଅତିମାନସ ଶକ୍ତି ପ୍ରାରବ୍ଧକୁ ପରିବର୍ତ୍ତନ କରିପାରେ ଏବଂ ସେଥିରୁ ପୂର୍ଣ୍ଣ ମୁକ୍ତି ଦେଇପାରେ ।

ପ୍ରଶ୍ନ : ପ୍ରାରବ୍ଧ ଭୋଗ ଅନୁସାରେ ଉଦର ରୋଗରୁ ବ୍ୟାୟାମ, ନିୟମିତ ଭୋଜନ ଇତ୍ୟାଦି ଦ୍ୱାରା ମନୁଷ୍ୟ ବହୁ ପରିମାଣରେ ମୁକ୍ତ ହୋଇପାରେ, ଏଥିରେ ଭଗବତ୍ ଉପାସନାର ଆବଶ୍ୟକତା କ'ଣ ?

ଉତ୍ତର : ଭଗବତ୍ ଉପାସନାରେ ଭଗବତ୍ କୃପାଶକ୍ତି ମନୁଷ୍ୟର କ୍ରିୟମାଣ କର୍ମରେ ସାହାଯ୍ୟ କରେ, ପ୍ରାରବ୍ଧ ଶକ୍ତିକୁ କ୍ଷୀଣ କରେ । ମନ, ପ୍ରାଣର ବହୁତ ପ୍ରଭାବ ପଡ଼େ ଶରୀରର ସୁସ୍ଥତା ଉପରେ । ମନୁଷ୍ୟର ହତାଶା, ଉଦାସୀନତା, ହତୋତ୍ସାହତା, ଚିନ୍ତା ଓ ରୋଗର ପ୍ରଭାବ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ଅସୁସ୍ଥ କରିଦିଏ, ଅସୁସ୍ଥତାକୁ ଅଧିକ ବୃଦ୍ଧି କରେ । ଏହାର ବିପରୀତ ପ୍ରସନ୍ନଚିତ୍ତତା, ଉତ୍ସାହ, ପ୍ରଫୁଲ୍ଲତା, ଦୟା, କରୁଣା ଆଦି ସ୍ୱାସ୍ଥ୍ୟର ଉନ୍ନତି କରେ । ଏହିସବୁ ଦିବ୍ୟଗୁଣ, ଦିବ୍ୟଭାବ ଆସେ ଭଗବାନଙ୍କ ଉପାସନାରେ । ସ୍ୱାସ୍ଥ୍ୟବାନ୍ ହେବା ସକାଶେ ଭଗବତ୍ ଉପାସନା ଅତ୍ୟନ୍ତ ଆବଶ୍ୟକ । ଏହାଛଡ଼ା ଭଗବାନଙ୍କୁ ଉପାସନା କଲେ ତାଙ୍କ ଶକ୍ତି ସାହାଯ୍ୟ କରେ । ଯଦି ଭଗବାନଙ୍କୁ ଶରୀର ସମର୍ପଣ କରିବାକୁ ସଂକଳ୍ପ କରାହୁଏ, ଭଗବତ୍ ଶକ୍ତିକୁ ଆବାହନ କରାହୁଏ, ତେବେ ଭଗବତ୍ ଶକ୍ତି ଅବତରଣ କରି ରୋଗ ଦୂର କରେ ।

ପ୍ରଶ୍ନ : ଯେଉଁମାନେ ଅଧ୍ୟାତ୍ମ ସାଧକ ନୁହନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ କ'ଣ ଖରାପ ?

ଉତ୍ତର : ଯେଉଁମାନଙ୍କର ସ୍ୱାସ୍ଥ୍ୟ ଠିକ୍ ଅଛି, ସେମାନଙ୍କ ସମ୍ବନ୍ଧରେ ଏଠାରେ ଆଲୋଚନା ହେଉ ନାହିଁ, ଆଲୋଚନା ହେଉଛି ପ୍ରାରବ୍ଧ ଅନୁସାରେ ଯେଉଁମାନେ ରୋଗଗ୍ରସ୍ତ ହୋଇଛନ୍ତି ଅଥବା କୌଣସି ବିପଦ୍‌ଗ୍ରସ୍ତ ହୋଇଛନ୍ତି । ସେମାନେ କର୍ମ କରି ଆଉ ଅଧ୍ୟାତ୍ମ ସାଧନା କରି ସେଥିରୁ ବହୁତ ପରିମାଣରେ ମୁକ୍ତ ହୋଇ ପାରନ୍ତି ।

## ଉନ୍ମୀଳନ

ପ୍ରଶ୍ନ : ଉନ୍ମୀଳନ (Opening)ର ଅର୍ଥ କ'ଣ ?

ଉତ୍ତର : ମା'ଙ୍କ ପ୍ରତି ବିଶ୍ୱାସ, ଭରସା, ଶ୍ରଦ୍ଧା ରଖିବାର ଅର୍ଥ ହେଲା ଉନ୍ମୀଳିତ ହେବା । ଏହି ଅବସ୍ଥାରେ ମା'ଙ୍କ ଶକ୍ତି କାମ କରିପାରେ । ଅବିଶ୍ୱାସ, ସନ୍ଦେହ, ଭୟ, କାତରତା ଇତ୍ୟାଦି ମା'ଙ୍କ ଶକ୍ତି ପ୍ରତି ଖୋଲି ରଖିବାର ବିପରୀତ । ଏହା ମା'ଙ୍କ ଶକ୍ତିର ମାର୍ଗ ରୁଦ୍ଧ କରେ ।

ପ୍ରଶ୍ନ : ମା'ଙ୍କ ଶକ୍ତି କ'ଣ ବ୍ୟକ୍ତି-ସତ୍ତାକୁ ଉନ୍ମୀଳିତ କରେ କିଂବା ଖୋଲିପାରେ ନାହିଁ ?

ଉତ୍ତର : କରିପାରେ । ମା'ଙ୍କୁ ପ୍ରାର୍ଥନା କଲେ, ଉନ୍ମୀଳନ ସକାଶେ ଅଭୀପ୍ସା କଲେ, ବ୍ୟକ୍ତିର ଆଧାର ଉନ୍ମୀଳିତ ହୁଏ; ଶ୍ରଦ୍ଧା ଭକ୍ତି ଜନ୍ମେ ।

ପ୍ରଶ୍ନ : ସ୍ପଷ୍ଟଭାବେ କହନ୍ତୁ — ଦୁଃଖକଷ୍ଟ, ବିପଦ ଆପଦରୁ ରକ୍ଷା ହେବା ସକାଶେ ମା'ଙ୍କ ଶକ୍ତି ପ୍ରତି ଉନ୍ମୀଳନର ଆବଶ୍ୟକତା କ'ଣ ?

ଉତ୍ତର : ଅନ୍ୟ ଉପାୟରେ ବ୍ୟକ୍ତିର ଦୁଃଖ, କଷ୍ଟ, ବିପଦ, ଆପଦ, ରୋଗ, ଶୋକ କିଛି ପରିମାଣରେ ଦୂର ହୋଇପାରେ କିନ୍ତୁ ସ୍ଥାୟିଭାବେ ବ୍ୟକ୍ତି ସେଥିରୁ ମୁକ୍ତ ହୋଇ ପାରେ ନାହିଁ । ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୁଏ ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାରେ । ଏହା ହୁଏ ଉନ୍ମୀଳନ ଦ୍ୱାରା । ଏହି କାରଣରୁ ଉନ୍ମୀଳନ ଆବଶ୍ୟକ ।

ଦୁଃଖ, କଷ୍ଟ, ବିପଦ, ଆପଦ, ରୋଗ-ଶୋକ ଯଦ୍ୟପି ମନୁଷ୍ୟର କର୍ମଫଳ ଭୋଗ ଏବଂ ଅପ୍ରିୟ ଓ ଦୁଃଖଦାୟକ, ତଥାପି ଏହା କେବଳ ମନୁଷ୍ୟକୁ ଦଣ୍ଡଦେବାକୁ ଆସେ ନାହିଁ । ଏହି ଦୁଃଖ, କଷ୍ଟ ମଧ୍ୟରେ ମନୁଷ୍ୟର ଆଧାର କିଛି ପରିମାଣରେ ଶୁଦ୍ଧ ହୁଏ, ଚେତନାର କିଛି ଅଂଶ ବିକଶିତ ହୁଏ । ମନୁଷ୍ୟର କ୍ରମବିକାଶ ମାର୍ଗରେ ବାଧା-ବିପତ୍ତି ମନୁଷ୍ୟକୁ ଅଗ୍ରସର କରାଏ । ଅହଂ, ସ୍ୱାର୍ଥାଦି ଦୋଷ କିଛି ପରିମାଣରେ କମ୍ କରେ । କ୍ରମବିକାଶରେ ବାଧା-

ବିପତ୍ତି ସାହାଯ୍ୟ କରେ । ମା'ଙ୍କ ପ୍ରତି ନିଜକୁ ଖୋଲି ଧରି ଶ୍ରଦ୍ଧା, ବିଶ୍ୱାସ ରଖିଲେ ମା'ଙ୍କ ଶକ୍ତି ବାଧା-ବିପତ୍ତି, ରୋଗ-କଷ୍ଟ ଦୂର କରେ ଏବଂ ବାଧା-ବିପତ୍ତି ଦ୍ୱାରା ମନୁଷ୍ୟର ଯେଉଁ ଉନ୍ନତି ହୋଇଥାଆନ୍ତା ତାହା ମଧ୍ୟ କରିଦିଏ ।

ପ୍ରତ୍ୟେକ ମନୁଷ୍ୟ ଏହି ବିକାଶ-ମାର୍ଗରେ ଦୁଃଖକଷ୍ଟ ଓ ସୁଖ ମଧ୍ୟ ଦେଇ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଗତି କରୁଅଛନ୍ତି । ଏଥିରେ ବହୁ ଅସାଧାରଣ ଦୁଃଖ-ଯନ୍ତ୍ରଣା ଭୋଗ କରିବାକୁ ପଡୁଅଛି ଏବଂ ଅକଳନ, ଆଶାତୀତ ସମୟ ଲାଗୁଅଛି । ଯୋଗ-ସାଧନାରେ ଭାଗବତୀ ଶକ୍ତି କାର୍ଯ୍ୟ କରନ୍ତି । ସାଧକ କୋଟି କୋଟି ଜନ୍ମର ବିକାଶକୁ ଗୋଟିଏ ଜନ୍ମରେ ପୂର୍ଣ୍ଣ କରି ଲକ୍ଷ୍ୟରେ ପହୁଞ୍ଚେ । ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ସକାଶେ ଭଗବାନଙ୍କ ପ୍ରତି ଉନ୍ମୀଳନ ବା ଯୋଗ କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ।

ଯେଉଁମାନେ ସାଧନା ନ କରି ବିବର୍ତ୍ତନ ମାର୍ଗରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଅଛନ୍ତି, ସେମାନେ ବହୁତ ଜନ୍ମ ସୁଖ, ଦୁଃଖ ଭୋଗ କରନ୍ତି । ତାଙ୍କ ହୃଦୟ କ୍ରମଶଃ ଶୁଦ୍ଧ ହେବାପରେ ସେମାନେ ଏହି ରହସ୍ୟ ବୁଝି ପାରନ୍ତି ଏବଂ ଦିନେ ସଚେତ ହୋଇ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଯେଉଁ ବିକାଶ ହୋଇଛି ତାହା ପ୍ରକୃତି ଦ୍ୱାରା ଚାଳିତ ହୋଇଛି । ବର୍ତ୍ତମାନ ମନୁଷ୍ୟର ମନ ଓ ବୁଦ୍ଧି ଅଛି; ସେହି କାରଣରୁ ଦୁଃଖକଷ୍ଟ ଭୋଗରେ ପ୍ରକୃତି ତାକୁ ସଚେତ କରାଇବ ଏବଂ ଯଥାର୍ଥ ମାର୍ଗରେ ଗତି କରିବାକୁ ବାଧ୍ୟ କରିବ ।

ପ୍ରଶ୍ନ : ରୋଗ, ଦୁଃଖ, କଷ୍ଟ ଦୂର କରିବାକୁ ଗୋଟିଏ ସର୍ତ୍ତ – ଉନ୍ମୀଳନ(Opening) ରଖୁଛନ୍ତି; ଆପଣଙ୍କ କଥାର ତାତ୍ପର୍ଯ୍ୟ ଏହି ଯେ ଉନ୍ମୀଳନ ନ ହେଲେ ଦୁଃଖ ଏବଂ କଷ୍ଟ ଦ୍ୱାରା ମନୁଷ୍ୟର ଯେଉଁ ବିକାଶ ହେବାର କଥା, ସେ କାର୍ଯ୍ୟ ମା'ଙ୍କ ଶକ୍ତି କରିପାରେ ନାହିଁ । କିନ୍ତୁ କେତେକ ସନ୍ଥ, ମହାତ୍ମା ତ' ଏପରି ସର୍ତ୍ତ ରଖନ୍ତି ନାହିଁ । କେତେ ଲୋକଙ୍କ ରୋଗ ଦୂର କରି ଦିଅନ୍ତି, ମୋକଦ୍ଦମାରେ ଜିତେଇ ଦିଅନ୍ତି, ଏହାର କାରଣ କ'ଣ ?

ଉତ୍ତର : ବ୍ୟକ୍ତିଗତ ରୂପେ କେଉଁ ମହାତ୍ମା କିପରି କରନ୍ତି, ତାହାର ବିଚାର ଏଠାରେ କରାହେଉ ନାହିଁ । ଏଠାରେ ବିଚାର କରାହେଉଛି ସିଦ୍ଧାନ୍ତର ବିଷୟ । ଅଧ୍ୟାତ୍ମ ମାର୍ଗରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତି ଏବଂ ଲକ୍ଷ୍ୟରେ ପହଞ୍ଚିବାର ବହୁ ପୂର୍ବରୁ ସାଧକକୁ ଶକ୍ତି ପ୍ରାପ୍ତ ହୁଏ । ସେ ଯଦି ଭଗବତ୍ ପ୍ରେରଣାରୁ ବଞ୍ଚିତ ଥାଏ, ସମର୍ପଣର ଆଶ୍ରୟ ନ ନେଇଥାଏ, ଅଧ୍ୟାତ୍ମ ରହସ୍ୟ ସମ୍ବନ୍ଧରେ ଅନଭିଜ୍ଞ ଥାଏ, ତେବେ ସେ ଭଗବତ୍ ପ୍ରାପ୍ତ ଶକ୍ତିକୁ ଦୁରୁପଯୋଗ କରିପାରେ । ନିଜର ସ୍ୱାର୍ଥ, ନାମ, ଯଶଃ ଅଥବା ବ୍ୟକ୍ତିର କରୁଣକାତର ପ୍ରାର୍ଥନାରେ ଭଗବତ୍-ଦତ୍ତ ଶକ୍ତି ପ୍ରୟୋଗ କରି ତା'ର ରୋଗ ଦୂର କରେ, ବିପଦରୁ ରକ୍ଷାକରେ କିଂବା ଅନ୍ୟ କୌଣସି ପ୍ରକାର ସାହାଯ୍ୟ କରିପାରେ । କିନ୍ତୁ ଏହି ଦୁଃଖକଷ୍ଟ, ରୋଗ, ବିପଦ ଦ୍ୱାରା ତାହାର ସତ୍ତାର ଯେଉଁ ଶୁଦ୍ଧି ହୋଇଥାଆନ୍ତା ତାହା କରିପାରେ ନାହିଁ । ଅହଂ, ସ୍ୱାର୍ଥ, ଈର୍ଷା ଇତ୍ୟାଦି ଦୁର୍ଗୁଣର କିଛିମାତ୍ର ପରିବର୍ତ୍ତନ ହୁଏ ନାହିଁ, ବରଂ ବୃଦ୍ଧି ପାଏ । ଶକ୍ତି ପ୍ରୟୋଗ କରିବା ବ୍ୟକ୍ତିର ଏବଂ ଦୁଃଖ, କଷ୍ଟରୁ ମୁକ୍ତ ହେବା ବ୍ୟକ୍ତିର – ଏହି ଉଭୟଙ୍କର ବହୁତ ଅନିଷ୍ଟ ହୁଏ । ଯେପରି ଅଭିଜ୍ଞ ବୈଦ୍ୟ ଜ୍ୱରର କାରଣ ଉଦରର ମଳ ବୃଦ୍ଧି ବୋଲି ନ ଜାଣି ଔଷଧ ଦ୍ୱାରା ଜ୍ୱର ଦୂର କଲେ ପରିଣାମରେ ବ୍ୟକ୍ତିର ସମସ୍ତ ଶରୀରରେ କାଛୁକୁଣ୍ଡିଆ ଇତ୍ୟାଦି ଭୀଷଣ ଚର୍ମ ରୋଗ ଉତ୍ପନ୍ନ ହୁଏ । ଠିକ୍ ସେହିପରି ଏହିସବୁ ରୋଗ, ଦୁଃଖ ଦୂର କରିବା ବା ମୋକଦ୍ଦମାରେ ଜିତେଇ ଦେବା ଇତ୍ୟାଦି ।

ପ୍ରଶ୍ନ : ଯଦି କେହି ମା'ଙ୍କ ପ୍ରତି ଉନ୍ମୀଳିତ ହୁଏ, ସେ କ'ଣ ଯାହା ଚାହେଁ ତାହା ପାଇପାରେ ?

ଉତ୍ତର : ନା, ଏପରି ହୁଏ ନାହିଁ । ଯଦି ବ୍ୟକ୍ତିର ଇଚ୍ଛା ଅର୍ଥାତ୍ ଚାହିଁବା ବରାବର ପୂର୍ଣ୍ଣ ହୋଇ ଚାଲେ, ତେବେ ସେ ମନୁଷ୍ୟ ନ ରହି ଦୈତ୍ୟରେ ପରିଣତ ହୁଏ । ତା'ର ଅହଂ ଆଉ ନୂତନ କାମନା-ବାସନା ବୃଦ୍ଧି ପାଉଥାଏ । ଏହି କାରଣରୁ ଚାହିଁବା ସର୍ବଦା ପୂର୍ଣ୍ଣ ହୁଏ ନାହିଁ ।

ଯଥାର୍ଥରେ ମନୁଷ୍ୟର ସମସ୍ତ ସତ୍ତା ମା'ଙ୍କ ତରଫକୁ ଖୋଲିଗଲେ ତାହା ମଧ୍ୟରୁ କାମନା-ବାସନାର ଉତ୍ପତ୍ତି ହୁଏ ନାହିଁ, ସେ ଚାହେଁ କେବଳ ତା' ମଧ୍ୟରେ ଭଗବତ୍ ସଂକଳ୍ପ କାର୍ଯ୍ୟକରୁ, ପୂର୍ଣ୍ଣ ହେଉ । ପ୍ରଥମରେ ମନୁଷ୍ୟ ମଧ୍ୟରୁ କୌଣସି ଗୋଟିଏ ଅଂଶ ଖୋଲେ ଏବଂ ତାହାରି ମଧ୍ୟଦେଇ ଭାଗବତୀ ଶକ୍ତି କାର୍ଯ୍ୟ କରେ । ଅନ୍ୟ ଅଂଶମାନ ଦୋଷତ୍ରୁଟି

ଏବଂ  କାମନା-ବାସନାରେ ପୂର୍ଣ୍ଣ ଥାଏ । ନିୟମିତରୂପେ ସାଧନା କରିବାରେ କ୍ରମଶଃ ଅନ୍ୟାନ୍ୟ ଅଂଶ ଉଦ୍‌ଘାଟିତ ହୁଏ, ଭାଗବତୀ ଶକ୍ତି ଦ୍ୱାରା ଶୁଦ୍ଧ ହୁଏ । ଯେପର୍ଯ୍ୟନ୍ତ ମନୁଷ୍ୟର କାମନା-ବାସନାରୁ ବସ୍ତୁ-ପ୍ରାପ୍ତିର ଚାହିଦା ହୁଏ, ସେପର୍ଯ୍ୟନ୍ତ ମା' ସେହି ଚାହିଦା ପୂର୍ଣ୍ଣ କରନ୍ତି ନାହିଁ, ତାହାର ଆତ୍ମା-ବିକାଶ ସକାଶେ ଯାହା ଆବଶ୍ୟକ, ଯାହା ସହାୟକ, ତାହାହିଁ ଦିଅନ୍ତି ।

## ବ୍ୟକ୍ତିଗତ ଦୋଷତ୍ରୁଟି ଓ ଭଗବତ୍ କୃପା

ପ୍ରଶ୍ନ : ଦେଖାଯାଏ, ଯାହାର ସମସ୍ତ ପ୍ରକାର ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି, ସେ ନିରୁପାୟ ହୋଇ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାରୁ ତାଙ୍କର ବ୍ୟବସାୟ ଭଲଭାବେ ଚଳୁଅଛି । କୌଣସି ବ୍ୟକ୍ତିଙ୍କର ଚାକିରିରେ ଗୋଳମାଳ ହେଲେ ସେ ମା'ଙ୍କ ଆଶୀର୍ବାଦ ଚାହୁଁଛନ୍ତି, କୌଣସି ରାଜନୀତିଜ୍ଞ ବ୍ୟକ୍ତି ଉଚ୍ଚପଦ ପ୍ରାପ୍ତ କରିବାକୁ ମା'ଙ୍କ ଆଶୀର୍ବାଦ କାମନା କରୁଛନ୍ତି । ବିଦ୍ୟାର୍ଥୀମାନେ ପରୀକ୍ଷାରେ ପାସ୍ କରିବାକୁ ମା'ଙ୍କ ପାଖକୁ ପତ୍ର ଲେଖୁଛନ୍ତି । ରୋଗୀମାନେ ରୋଗମୁକ୍ତ ହେବାକୁ ପ୍ରାର୍ଥନା କରୁଛନ୍ତି । ଏହିପରି କାମନା ପୂର୍ଣ୍ଣହେବାରେ ତାହା ଅଧିକରୁ ଅଧିକ ବଢ଼ିବ, ଲୋକେ ଆଧ୍ୟାତ୍ମିକତା ଭୁଲିଯିବେ । ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବା ପରିବର୍ତ୍ତେ କାମନା, ବାସନା ଉତ୍ପନ୍ନ ହେବ, ଅନ୍ୟାୟ ବଢ଼ିବ ବୋଲି କେତେକ ବ୍ୟକ୍ତି ଅନୁମାନ କରୁଅଛନ୍ତି । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଏହାର ଯଥାର୍ଥ ରହସ୍ୟ ହେଲା, ପୃଥିବୀରେ ଅସତ୍ୟ, ଅନ୍ୟାୟ ବୃଦ୍ଧି ହେବା ପରିବର୍ତ୍ତେ ବ୍ୟକ୍ତି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବାର ଗୋଟିଏ ସହଜ ସୁଯୋଗ ପାଇବ ।

ସାଧାରଣତଃ ବ୍ୟକ୍ତି ଅଜ୍ଞାନ ଏବଂ ମୋହଗ୍ରସ୍ତ ହୋଇ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଭୁଲି କାମନା, ବାସନା ପୂର୍ଣ୍ଣ କରିବାରେ ବ୍ୟସ୍ତ ଥାଏ । ଏହି କାମନା, ବାସନାର ଦୃଢ଼ ଆବରଣ ଯୋଗୁଁ ବ୍ୟକ୍ତି ଆଧାରରେ ଭଗବତ୍ କୃପା ପ୍ରବେଶର ମାର୍ଗ ରୁଦ୍ଧ ହୋଇଥାଏ । ଏହି କାରଣରୁ ବ୍ୟକ୍ତି ସଂସାର ବିଷୟ ଛଡ଼ା ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ବିଚାର ବା ଧାରଣା କରିପାରେ ନାହିଁ । ଭଗବାନଙ୍କ ଅହେତୁକୀ କୃପାରୁ ଯଦି ସେ କାମନା-ବାସନା ପୂର୍ଣ୍ଣ କରିବା ସକାଶେ ଭଗବାନଙ୍କ ଆଶ୍ରୟ ନିଏ, ତେବେ ତା ଆଧାରରେ ଭଗବତ୍ ବିଶ୍ୱାସ, ଭଗବତ୍ କୃପା ପ୍ରବେଶ ସକାଶେ ଗୋଟିଏ ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେହି ଦ୍ୱାର ମଧ୍ୟ ଦେଇ ଭଗବତ୍ ବିଶ୍ୱାସ ଏବଂ କୃପା ପ୍ରବେଶ କରି ତା' ଆଧାରରେ ପ୍ରକାଶ କରି ଦିଅନ୍ତି । ସେହି ପ୍ରକାଶରେ ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୁଏ ଏବଂ କ୍ରମଶଃ ମୋହ, ମାୟା, ଅଜ୍ଞାନ, କାମନା, ବାସନାରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ । କେହି ଶୀଘ୍ର ସଚେତ ହୁଏ, କାହାର ସଚେତ ହେବାରେ ବହୁତ ବିଳମ୍ବ ହୋଇପାରେ । ଏହା ନିର୍ଭର କରେ ବ୍ୟକ୍ତିର ନିଷ୍କପଟ ନିଷ୍ଠା ଉପରେ । ଏହି ସୁଯୋଗ ଅଧିକରୁ ଅଧିକ ପ୍ରାପ୍ତ ହୁଏ ଭଗବାନ୍ ସତ୍ୟ-ପ୍ରତିଷ୍ଠା କରିବା ସକାଶେ ଏହି ପୃଥିବୀକୁ ଆସିଲେ । ଏହି ସୁଯୋଗ ପାଇ ଯେଉଁମାନେ କେବଳ ବାସନା, କାମନା ପୂର୍ଣ୍ଣ କରିବାରେ ଲାଗିପଡ଼ି ଭଗବାନଙ୍କୁ ଭୁଲି ଯାଆନ୍ତି, ସେମାନେ ଅମୂଲ୍ୟ ସୁଯୋଗ ହରାଇ ମହାନ୍ ଦୁଃଖ-କଷ୍ଟକୁ ବରଣ କରନ୍ତି ।

ସଂସାରରେ ଅଧ୍ୟାତ୍ମ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା' ଏହି ସଂସାରକୁ ଆସିଅଛନ୍ତି । ଏହି ସତ୍ୟ ପ୍ରତିଷ୍ଠିତ ହେବ ବ୍ୟକ୍ତି ମଧ୍ୟରେ । ସଂସାରରେ ଯେପର୍ଯ୍ୟନ୍ତ ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ସାଧାରଣ ସମସ୍ତ ବ୍ୟକ୍ତି ତଥା ସନ୍ଥ ମହାତ୍ମାଙ୍କ ମଧ୍ୟରେ ବି ଦୋଷ ତ୍ରୁଟି ରହିଥାଏ । କାରଣ ଦୋଷତ୍ରୁଟିର ଉତ୍ସ ଅବଚେତନା । ଲୋମଶ ଚିରଜୀବୀ ମହାନ୍ ଋଷି ଯେ କି ଗୋଟିଏ ଇନ୍ଦ୍ରର ନାଶ ହେବାପରେ ଗୋଟିଏ ଲୋମ ଉପାଡ଼ନ୍ତି, ସେ ବି କାକଭୁଶୁଣ୍ଡୀଙ୍କ ଉତ୍ତର-ପ୍ରତ୍ୟୁତ୍ତରରେ କ୍ରୋଧର ଅଧୀନ ହୋଇ କାକଭୁଶୁଣ୍ଡୀଙ୍କୁ ଶାପ ଦେଇଥିଲେ । ଦୁର୍ବାସାଙ୍କ କୋପ ତ' ପ୍ରସିଦ୍ଧ, ବିଶ୍ୱାମିତ୍ରଙ୍କ ଚରିତ ପ୍ରାୟ ବହୁ ବ୍ୟକ୍ତି ଜାଣନ୍ତି । ଯଦି ସକାମ, ଦୋଷତ୍ରୁଟିଯୁକ୍ତ ବ୍ୟକ୍ତିଙ୍କୁ ମା' ଅତିମାନସ ଯୋଗର ଅନୁପଯୁକ୍ତ ମନେକରି କେବଳ ନିର୍ଦ୍ଦୋଷ, ଶୁଦ୍ଧ ବ୍ୟକ୍ତିଙ୍କୁ ଖୋଜନ୍ତି

ତେବେ ତାଙ୍କୁ ଏପରି ବ୍ୟକ୍ତି ଗୋଟିଏ ମଧ୍ୟ ମିଳିବେ ନାହିଁ କି ତାଙ୍କର ଅତିମାନସ ସତ୍ୟ-ସ୍ଥାପନ କାର୍ଯ୍ୟ ପୃଥିବୀରେ ହୋଇ ପାରିବ ନାହିଁ । ପ୍ରଶ୍ନ-କର୍ତ୍ତା କ'ଣ ନିଜ ମଧ୍ୟରେ କେବେ ଦୃଷ୍ଟିପାତ କରିଛନ୍ତି ? ନିଜ ସମ୍ବନ୍ଧେ କେବେ ବିଚାର କରିଛନ୍ତି ? ନିଜ ସମ୍ବନ୍ଧେ ବିଚାର କରିଥିଲେ ଏହି ପ୍ରଶ୍ନର ସମାଧାନ କରି ପାରିଥାଆନ୍ତେ ।

ଭଗବାନ୍ କେବେ ମନୁଷ୍ୟର ଦୋଷତ୍ରୁଟିକୁ ଦେଖି ତାକୁ ତ୍ୟାଗ କରନ୍ତି ନାହିଁ । ଯଦି ଭଗବାନ୍ ମନୁଷ୍ୟର ଦୋଷତ୍ରୁଟି ଦେଖନ୍ତେ, ତେବେ ମନୁଷ୍ୟ କେବେ ବି ଉଦ୍ଧାର ହୋଇ ପାରନ୍ତା ନାହିଁ । ଭଗବାନ୍ ଚାହାନ୍ତି କେବଳ ଭାବ, ସେହି ଭାବ ଦ୍ୱାରା ତା' ମଧ୍ୟରେ ପ୍ରବେଶ କରି ତାହାର ସମସ୍ତ ଦୋଷ, ପାପକୁ ଦୂର କରି ଦିଅନ୍ତି । ଭଗବାନଙ୍କ ଆଗମନର ରାସ୍ତା ଖୋଲିବା ସକାଶେ ଯଦି ମନୁଷ୍ୟର ସାମର୍ଥ୍ୟ ନ ଥାଏ, ତେବେ ବି ଭଗବାନ୍ ଅପେକ୍ଷା କରି ତା' ଦ୍ୱାରରେ ଛିଡ଼ା ହୋଇ ରହନ୍ତି । ରାସ୍ତା ଖୋଲିବାରେ ସାହାଯ୍ୟ ପାଇଁ ଯଦି ସେ ଡାକେ, ତେବେ ଭଗବାନ୍ ଅବିଳମ୍ବେ ଦୌଡ଼ି ଯାଇ ସାହାଯ୍ୟ କରନ୍ତି । ମନୁଷ୍ୟ ଯଦି ନ ଚାହେଁ ତେବେ ସେ ବର୍ଷ ବର୍ଷ ଧରି ତା' ଦ୍ୱାରରେ ଅପେକ୍ଷା କରି ଛିଡ଼ା ହୋଇ ରହନ୍ତି ।

ଅଜାମିଳ ବାଲ୍ୟାବସ୍ଥାରେ ଭଗବାନଙ୍କୁ ଉପାସନା କରିଥିଲା । ପରେ ତାହାର ଏପରି ପତନ ହେଲା ଯାହା ମନୁଷ୍ୟ ମନରେ କଳ୍ପନା କରିବା ସମ୍ଭବ ନୁହେଁ । ଦୁରାଚାରୀର ଚୂଡ଼ାନ୍ତ ଆଦର୍ଶ । ଏପରି ଅବସ୍ଥାରେ ଭଗବାନ୍ ତାକୁ ଛାଡ଼ି ନ ଥିଲେ । ତା' ଡାକକୁ ଅପେକ୍ଷା କରି ବସିଥିଲେ । ସେ କେବେ ବି ସଚେତ ହେଲା ନାହିଁ । କେବଳ ମୃତ୍ୟୁଭୟରେ ପୁତ୍ରନାମ ବାହାନାରେ ନାରାୟଣ ଶବ୍ଦ କହିବାରୁ ଭଗବାନଙ୍କ ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଗଲା, ସେ ତାକୁ ରକ୍ଷା କଲେ, ମୃତ୍ୟୁମୁଖରୁ ବଞ୍ଚାଇ ଦେଲେ । ପରେ ସେ ତପସ୍ୟା କରି ଭଗବାନଙ୍କୁ ପ୍ରାପ୍ତ ହେଲା । ଜଗାଇ ଓ ମାଧାଇଙ୍କ ଚରିତ୍ର ପ୍ରାୟ ସମସ୍ତେ ଜାଣନ୍ତି, କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ମନୁଷ୍ୟ ଇଚ୍ଛା ଅନୁସାରେ ଅନ୍ୟାୟ କରିବ, ଆଉ ଆଶା ରଖିବ – ''ଅଜାମିଳ ପରି ମୋତେ ବି ଭଗବାନ୍ ଉଦ୍ଧାର କରିବେ ।''

ମନୁଷ୍ୟ କେତେ ବଡ଼ ପାପୀ, ଅପରାଧୀ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ସେ ଯଦି ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୁଏ, ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହେଁ, ତେବେ ଭଗବାନ୍ ତା'ର ଦୋଷତ୍ରୁଟିକୁ ନ ଦେଖି ତାକୁ ଶରଣରେ ନେଇ ନିଅନ୍ତି ଆଉ ତାକୁ ସାହାଯ୍ୟ କରନ୍ତି । ସେ ଭଗବାନଙ୍କ କୃପାଶକ୍ତି ଆଶ୍ରୟରେ କ୍ରମଶଃ ଦୋଷତ୍ରୁଟିରୁ ମୁକ୍ତ ହୋଇ ଭକ୍ତ ହୋଇଯାଏ ।

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥
କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥
ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ୟେଽପି ସ୍ୟୁଃ ପାପୟୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ୟାନ୍ତି ପରାଂ ଗତିମ୍ ॥

(ଗୀତା - ୯/୩୦-୩୨)

ଜୌଂ ନର ହୋଇ ଚରାଚର ଦ୍ରୋହୀ
ଆବୈ ସଭୟ ସରନ ତକି ମୋହୀ
ତଜି ମଦ ମୋହ କପଟ ଛଳ ନାନା
କରାଉଁ ସଦ୍ୟ ତେହି ସାଧୁ ସମାନା ॥

(ତୁଳସୀକୃତ ରାମାୟଣ, ସୁନ୍ଦର କାଣ୍ଡ)

ଉପରୋକ୍ତ ଗୀତା, ରାମାୟଣର ଭାବାର୍ଥ : ଅତିଶୟ ପାପୀ, ସ୍ତ୍ରୀ, ଶୂଦ୍ର ଅତ୍ୟନ୍ତ ଦୁରାଚାରୀ ମୋର ଶରଣାଗତ ହୋଇ ଅନନ୍ୟ ଭାବରେ ମୋତେ ଭଜନ କଲେ ମୁଁ ତାକୁ ସମସ୍ତ ପାପରୁ ମୁକ୍ତ କରି ସାଧୁ ତୁଲ୍ୟ ସ୍ୱୀକାର କରିନିଏ । ଗୀତାରେ 'ଅନନ୍ୟ' ଶବ୍ଦ ଓ ରାମାୟଣରେ ''ତଜି ମଦ ମୋହ, କପଟ, ଛଳ ନାନାର ଅର୍ଥ ହେଲା – ତାକୁ ନାନା ପ୍ରକାରର ମଦ, ମୋହ, କପଟ, ଛଳ, ତ୍ୟାଗ କରିବାକୁ ହୁଏ । ଏହିସବୁ ତ୍ୟାଗ କଲେ ସେ ଅନନ୍ୟ ଭକ୍ତି କରିପାରେ । ସାଧାରଣତଃ ମନୁଷ୍ୟର ଜୀବନ ଯଦି ସୁଖ ସ୍ୱଚ୍ଛନ୍ଦରେ ଚାଲୁଥା'ନ୍ତା ତେବେ କେହି ବି ଭଗବାନଙ୍କ ଶରଣ ଚାହୁଁ ନ ଥା'ନ୍ତେ । କିନ୍ତୁ ସୃଷ୍ଟିର ବିଧାନ ସୁଖ-ଦୁଃଖ ମିଶ୍ରିତ । ମନୁଷ୍ୟ ଉପରେ ବିପଦ ଆସିଲେ ସେ ସେଥିରୁ ମୁକ୍ତ ହେବାକୁ ନିଜ ଶକ୍ତି ସାମର୍ଥ୍ୟ ପ୍ରୟୋଗ କରେ । ସେଥିରେ ବିଫଳ ହେଲେ କେବେ କେବେ କେହି ଭଗବାନଙ୍କ ଆଶ୍ରୟ ନିଏ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥
(ଗୀତା – ୭/୧୬)

ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀ – ଏହି ଚାରି ଶ୍ରେଣୀର ଭକ୍ତ ହୁଅନ୍ତି ।

ଜାନା ଚହହିଁ ଗୂଢ଼ଗତି ଜେଉ । ନାମ ଜୀହଁ ଜପି ଜାନହିଁ ତେଉ ॥
ସାଧକ ନାମ ଜପହିଁ ଲୟ ଲାଏଁ । ହୋହିଁ ସିଦ୍ଧ ଅନିମାଦିକ ପାଏଁ ॥
ଜପହିଁ ନାମ ଜନ ଆରତ ଭାରୀ । ମିଟହିଁ କୁସଂକଟ ହୋହିଁ ସୁଖାରୀ ॥
ରାମ ଭଗତ ଜଗ ଚାରି ପ୍ରକାରା । ସୁକୃତି ଚାରିଓ ଅନଘ ଉଦାରା ॥
ଚହୂ ଚତୁର କହୁଁ ନାମ ଅଧାର । ଜ୍ଞାନୀ ପ୍ରଭୁହିଁ ବିଶେଷ ପିୟାରା ॥
(ତୁଳସୀ ରାମାୟଣ)

ମନୁଷ୍ୟ ବିପଦରୁ ଉଦ୍ଧାର ପାଇବା ଓ ତା'ର ଆବଶ୍ୟକ କାମନାବାସନା ତୁଷ୍ଟି କରିବା ସକାଶେ ଭଗବତ୍ ଶରଣ ନେବା ଅଥବା ଭଗବତ୍ ଆଶୀର୍ବାଦ ଚାହିଁବା – ଗୀତା ଓ ରାମାୟଣରେ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏହି ସକାମୀ ଭକ୍ତମାନଙ୍କୁ ସୁକୃତବାନ୍, ନିଷ୍ପାପ ଆଉ ଉଦାର ବୋଲି କୁହାଯାଉଛି, ତଥାପି ଜ୍ଞାନୀକୁ ଅଧିକ ପ୍ରିୟ ବୋଲି ବର୍ଣ୍ଣନା କରାହୋଇଛି । କାରଣ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏମାନେ ଯଦ୍ୟପି ନିଜ କାମନା-ବାସନା ସିଦ୍ଧ କରିବାକୁ ଭଗବତ୍ ଶରଣାଗତ ହୋଇଥା'ନ୍ତି ସେଥିପାଇଁ ସେମାନେ ସୁକୃତ, ନିଷ୍ପାପ, ଉଦାର । କାମନାଶୂନ୍ୟ ଭକ୍ତ ଅଥବା ଜ୍ଞାନୀଙ୍କର କିଛି ଅଭାବ ନ ଥାଏ, ସେମାନେ କେବଳ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହାନ୍ତି, ସେହି କାରଣରୁ ପ୍ରଭୁଙ୍କର ସେମାନେ ଅଧିକ ପ୍ରିୟ ।

ଭୌତିକ ଦୁଃଖ-ଦ୍ୱନ୍ଦ୍ୱ ଭଗବଦାଭିମୁଖୀ କରିବାରେ ନିମିତ୍ତ ହୁଏ । କାରଣ ଯାହା ବି ହେଉ, ସେଥିରେ କିଛି ଯାଏ ଆସେ ନାହିଁ, ଭଗବଦମୁଖୀ ହେବା ହେଲା ପ୍ରଧାନ କଥା । ଭଗବତ୍ ଶରଣ ହେବା ପରେ, ତା'ର କାମନା-ବାସନା ନଷ୍ଟ ହୋଇଯାଏ, ସେ ନିଷ୍କାମ ଓ ଅନନ୍ୟ ଭକ୍ତ ହୁଏ । ଗୋଟିଏ ବ୍ୟକ୍ତି ରୋଗରୁ ମୁକ୍ତ ହେବା ପାଇଁ ବ୍ୟାୟାମ କରି ସୁଗଠିତ ଶରୀର ପ୍ରାପ୍ତ କରିଅଛି, ଅନ୍ୟ ବ୍ୟକ୍ତିର ରୋଗ ନ ଥାଇ କେବଳ ଶରୀର-ଗଠନ ଓ ପୁଷ୍ଟି ସକାଶେ ବ୍ୟାୟାମ କରିଛି । ପରିଣାମରେ ଦୁଇଜଣ ସମାନ, ପରିଣାମରହିଁ ମହତ୍ତ୍ୱ । ଆରମ୍ଭ ଅବସ୍ଥାର ମୂଲ୍ୟ ନ ଥାଏ । ପ୍ରତିଯୋଗିତାରେ କେତେଜଣ ଦୌଡ଼ନ୍ତି, ପ୍ରାରମ୍ଭିକ ସମୟରେ, କେହି ଶୀଘ୍ର ଦୌଡୁ ବା କେହି ଆସ୍ତେ ଦୌଡୁ, ତା'ର କୌଣସି ହିସାବ ନ ଥାଏ, ହିସାବ ହୁଏ ଶେଷରେ । ଭଗବାନ୍ କହିଛନ୍ତି, ''ଜ୍ଞାନୀ ମୋର ପ୍ରିୟ''– ଏହା ଭକ୍ତିର ପ୍ରାରମ୍ଭିକ ଅବସ୍ଥା ତୁଳନାରେ ହୋଇପାରେ, କିନ୍ତୁ ସିଦ୍ଧି ଅବସ୍ଥାରେ ନୁହେଁ । ସେତେବେଳେ ତ' ସମସ୍ତେ ଏସବୁ ଅବସ୍ଥାକୁ ପାର ହୋଇ ଯାଇଥା'ନ୍ତି । କୌଣସି ପ୍ରକାର ଘୋର ପାପୀ, ଦୁରାଚାରୀ ହେଉ ନା କାହିଁକି, ସେ ଯଦି

ଭଗବାନଙ୍କ ଶରଣାପନ୍ନ ହେବାକୁ ଚାହେଁ, ତେବେ ଭଗବାନ୍ ତାକୁ ସ୍ୱୀକାର କରି ନିଅନ୍ତି । ଏହା ଭଗବାନଙ୍କର ସ୍ୱାଭାବିକ ଗୁଣ । ସେଥିରେ ଏତିକି ମାତ୍ର ସର୍ତ୍ତ ଅଛି — *ଭଗବତ୍ ଶରଣାଗତ ହେବା ପରେ ପୂର୍ବ ଅଭ୍ୟାସ, ଦୁଷ୍କର୍ମକୁ ତ୍ୟାଗ କରିବାକୁ ହେବ, ପୂର୍ଣ୍ଣରୂପେ ତ୍ୟାଗ କରିବାକୁ ସଂକଳ୍ପ କରିବାକୁ ହେବ ।*

ଯେଉଁମାନେ ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ସମସ୍ତ ସତ୍ତାରେ ଏକ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି କାର୍ଯ୍ୟ କରେ ଏବଂ ଭାଗବତ ଗୁଣ ତାଙ୍କ ମଧ୍ୟରେ ପ୍ରକାଶିତ ହୁଏ ।

ଏହା ସ୍ପଷ୍ଟ ଯେ ମା'ଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ହେବାରୁ ଭଗବତ୍ ଆଦ୍ୟା ସୃଜନୀ ଅତିମାନସ ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଭଗବତ୍ କୃପା ମା'ଙ୍କ ମଧ୍ୟ ଦେଇ କାର୍ଯ୍ୟ କରୁଥିବାରୁ ଭଗବତ୍ କୃପା ଓ ମା'ଙ୍କ କୃପାକୁ ଆମ୍ଭେମାନେ ଏକହିଁ ଅର୍ଥରେ ବ୍ୟବହାର କରୁ । ମା'ଙ୍କ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ଭଗବତ୍ ଶକ୍ତିର କାର୍ଯ୍ୟ । ସେହି କାରଣରୁ କୌଣସି ପ୍ରକାର ବ୍ୟକ୍ତିଙ୍କ ସକାଶେ ମା'ଙ୍କ ଦ୍ୱାର ବନ୍ଦ ନ ଥାଏ । କେବଳ ଆବଶ୍ୟକ, ତାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ନିର୍ଭରତା ରଖି ନିଜକୁ ଉଦ୍‌ଘାଟନ (Open) କଲେ ତାଙ୍କ ଦିବ୍ୟ ଶକ୍ତି ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରେ ।

ପ୍ରଶ୍ନ : କ୍ରିୟାତ୍ମକ ରୂପେ କ'ଣ କରିବାକୁ ହେବ, କ'ଣ ତ୍ୟାଗ କରିବାକୁ ହେବ, କିପରି ଅବସ୍ଥାରେ ମା'ଙ୍କ କୃପା ପ୍ରାପ୍ତ କରିବାକୁ ହେବ, ସହଜ ଭାଷାରେ କହନ୍ତୁ ?

ଉତ୍ତର : କେହି ରୋଗମୁକ୍ତ ହେବା, କେହି ବିପଦରୁ ଉଦ୍ଧାର ହେବା, କେହି କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବା, କେହି ପରୀକ୍ଷାରେ ପାସ୍ କରିବା, କେହି ବ୍ୟବସାୟରେ ସଫଳତା ପ୍ରାପ୍ତ କରିବାକୁ ମା'ଙ୍କ ସାହାଯ୍ୟ ଚାହାନ୍ତି ଏବଂ ବହୁତ ସ୍ଥଳରେ ମଧ୍ୟ ତାହା ପା'ନ୍ତି । ଏମାନେ ପୁଣ୍ୟାତ୍ମା ହୁଅନ୍ତୁ ଅଥବା ପାପୀ, ଦୁଷ୍ଟ ହୁଅନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । କେବଳ ଆବଶ୍ୟକ ଶ୍ରଦ୍ଧା, ବିଶ୍ୱାସ ଓ ନିର୍ଭରତା । ଏଥିରେ ସାହାଯ୍ୟ-ପ୍ରାର୍ଥୀ ବ୍ୟକ୍ତିର ସତ୍ତା ଉଦ୍‌ଘାଟିତ(Open) ହୁଏ । ସେହି ମାର୍ଗ ଦେଇ ଭାଗବତୀ ଶକ୍ତି ତା' ଅନ୍ତରରେ ପ୍ରବେଶ କରି ତାହାର ଦୁଃଖ-ଦ୍ୱନ୍ଦ୍ୱକୁ ଦୂର କରେ ଏବଂ ସେହି ଦୁଃଖ-ଦ୍ୱନ୍ଦ୍ୱ ଦ୍ୱାରା ତାହାର ସତ୍ତାରେ ଯାହା ଶୁଦ୍ଧି ବା ବିକାଶ ହୋଇଥା'ନ୍ତା ତାହା ମଧ୍ୟ କରେ । ଭାଗବତୀ ଶକ୍ତିର ଏହି କାର୍ଯ୍ୟ ସକାଶେ ଗୀତା ଓ ରାମାୟଣରେ ସର୍ତ୍ତ ଦିଆଯାଇଛି — ''ତଜି ମଦ, ମୋହ, କପଟ, ଛଳ ନାନା ।'' ମଦ, ମୋହ, କପଟ, ଛଳ ଇତ୍ୟାଦିକୁ ତ୍ୟାଗ କରିବାକୁ ହେବ । ଏହିସବୁ ଦୁର୍ଗୁଣର ସ୍ୱରୂପ ହେଲା :— ''ଏହି ରୋଗରୁ ମୁକ୍ତ ହେଲେ, ଏହି ଦ୍ୱନ୍ଦ୍ୱରୁ ଉଦ୍ଧାର ହେଲେ, ଏହି ବ୍ୟବସାୟରେ ସଫଳ ହେଲେ, ଏହି ପରୀକ୍ଷାରେ ପାସ୍ କଲେ, ଅମୁକ ବ୍ୟକ୍ତିକୁ ଜବତ୍ କରିବି; ସମ୍ପତ୍ତି କରି, ମାନ-ସମ୍ମାନ ପ୍ରାପ୍ତ ହୋଇ, ଲୋକଙ୍କ ମଧ୍ୟରେ ଜଣେ ପ୍ରଧାନ ବ୍ୟକ୍ତି ହେବି; ଏହି ଇଲେକ୍‌ସନ୍‌ରେ ଜିତିଗଲେ ବିରୋଧୀ ପାର୍ଟିର ଏହିପରି ସର୍ବନାଶ କରିବି ଯେ ସେ ଆଉ ଭବିଷ୍ୟତ୍‌ରେ ଇଲେକ୍‌ସନ୍‌ରେ ଛିଡ଼ା ହୋଇପାରିବ ନାହିଁ, ଆଉ ଅମୁକ ଲୋକକୁ ସାବାଡ୍ କରିଦେବି । ବ୍ୟବସାୟରେ ଘିଅରେ ବାଦାମ ତେଲ ମିଶାଇ ଟଙ୍କା କମାଇବି ।'' ଏହିସବୁ ମିଥ୍ୟା, ମୋହ, ମଦ, କପଟ ଛଳ ଅଥବା ଅନ୍ୟାନ୍ୟ ଯେତେ ପ୍ରକାର ଉପାୟ ଅଛି, ସେ ସବୁ ବି ଚାଲିଛି ଏବଂ ଏହା ସଙ୍ଗେ ଗୋଟାଏ ଚିଠି ମା'ଙ୍କ ପାଖକୁ ଲେଖାଯାଉ, ପନ୍ଦର ପଇସା ଖର୍ଚ୍ଚ ହେବ, ଯୋଗ ପଡ଼ିଲେ ବାଜି ଯାଇପାରେ । ଏହାସବୁ କପଟ ବା ଛଳନାର ଅନ୍ତର୍ଗତ । ଅନ୍ୟ ଉପାୟ (ଚେଷ୍ଟା ଓ ବ୍ୟକ୍ତିଗତ ଉଦ୍ୟମ) କରିବାରେ କିଛି କ୍ଷତି ନାହିଁ, କରିବା ଉଚିତ; କିନ୍ତୁ ବିଶ୍ୱାସ ଏବଂ ଭରସା ରଖିବାକୁ ହେବ ମା'ଙ୍କ ଉପରେ, ଅନ୍ୟାନ୍ୟ ଉପାୟ ଉପରେ ନୁହେଁ । ବହୁ ସମୟରେ ଅନ୍ୟାନ୍ୟ ଉପାୟ ମଧ୍ୟଦେଇ ମା'ଙ୍କ ଶକ୍ତି ମଧ୍ୟ କାର୍ଯ୍ୟ କରେ ।

ବହୁ ସମୟରେ ବ୍ୟକ୍ତି ବିପଦରେ ପଡ଼ିଥିବା ବେଳେ ପ୍ରାୟ ଉପରୋକ୍ତ ଛଳକପଟରୁ ଦୂର ହୋଇ ଯାଇଥାଏ । ତା'ର ଯଦି ଦୃଢ଼ ବିଶ୍ୱାସ ଆସେ, ଆତ୍ମାର ଡାକ ହୁଏ, ତେବେ ମା'ଙ୍କର ଭାଗବତୀ ଶକ୍ତି ବ୍ୟକ୍ତିକୁ ସାହାଯ୍ୟ କରେ, ତାକୁ ବିପଦରୁ ରକ୍ଷା କରେ । ଏହା ମନୁଷ୍ୟର ଗୋଟାଏ ଅତ୍ୟନ୍ତ ସୌଭାଗ୍ୟ, ବିପଦର ଗୋଟାଏ ସୁନ୍ଦର ପରିଣାମ । ଏହି ସୁଯୋଗ, ଭଗବାନଙ୍କର ଏହି କୃପାକୁ ଯଦି ବ୍ୟକ୍ତି ସଦୁପଯୋଗ କରେ, ତେବେ ତା'ର ଜନ୍ମ ସାର୍ଥକ ହୁଏ । ସେ

ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରେ । କିନ୍ତୁ ଦୁର୍ଭାଗ୍ୟବଶତଃ କେତେକ ସ୍ଥଳରେ ବ୍ୟକ୍ତି ମା'ଙ୍କ ଆଶୀର୍ବାଦ ଭୁଲିଯାଇ ମନେକରେ, ''ଅମୁକ କାରଣରୁ, ଅମୁକ ଉପାୟରେ ମୁଁ ଏହି ବିପଦରୁ ରକ୍ଷା ପାଇଲି ।'' ଅଥବା ବହୁ ତାର୍କିକ ସ୍ଥୂଳ ବୁଦ୍ଧିବାଦୀ ବ୍ୟକ୍ତି ହୋଇଥିଲେ ଭାବେ, ''ଏଥିରେ ଭଗବତ୍ ଶକ୍ତି କାର୍ଯ୍ୟ କରିଛି, ଏହାର ପ୍ରମାଣ କ'ଣ ? ଏହା ତ' ଗୋଟିଏ କଳ୍ପନା, ଅମୁକ ଲୋକର କାର୍ଯ୍ୟସିଦ୍ଧି ହେଲା ନାହିଁ, ଯଦି ମା'ଙ୍କର ଶକ୍ତି ପ୍ରଭାବରୁ ହେଲା ତେବେ ସମସ୍ତ ବ୍ୟକ୍ତିଙ୍କର କାର୍ଯ୍ୟ ସଫଳ ହେବା ଉଚିତ ଥିଲା ।'' ସନ୍ଦେହ, ଅବିଶ୍ୱାସ ହଳାହଳ ବିଷ ସଦୃଶ । ବ୍ୟକ୍ତିକୁ ମୃତ୍ୟୁମୁଖରେ ପକାଇ ଦିଏ । ଏଥିରେ ମା'ଙ୍କ ଶକ୍ତି କାର୍ଯ୍ୟ କରିପାରେ ନାହିଁ । ଭାଗବତୀ ଶକ୍ତି ଅପସରି ଯାଇ ଦୂରରେ ଅପେକ୍ଷା କରି ଛିଡ଼ା ହୁଏ । ବ୍ୟକ୍ତି ପୂର୍ବ ପରି ପୁନରାୟ ଅନ୍ୟାୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ; ଅସତ୍ କାର୍ଯ୍ୟର ପରିଣାମ ସ୍ୱରୂପ ବିପଦରେ ପଡ଼େ । ମା'ଙ୍କ କୃପାପ୍ରାପ୍ତିର ସୁଯୋଗ ପ୍ରାପ୍ତ ହେବାକୁ ବହୁତ ବର୍ଷ ଲାଗିପାରେ କିଂବା କେତେ ଜନ୍ମ ପରେ ଆସେ । ଫେର୍ କେବେ ବିପଦରେ ପଡ଼ି ସେହି ବ୍ୟକ୍ତି ମା'ଙ୍କୁ ଡାକିଲେ ପୁନରାୟ ଭାଗବତୀ ଶକ୍ତିଙ୍କର ସାହାଯ୍ୟ ପାଏ । ମା' ତାଙ୍କୁ ରକ୍ଷା କରନ୍ତି । ଥରେ ଭାଗବତୀ ଶକ୍ତି ବ୍ୟକ୍ତିକୁ ସ୍ୱୀକାର କଲେ ଫେର୍ ତ୍ୟାଗ କରେ ନାହିଁ । ସେ ଚିରକାଳ ସକାଶେ ପତିତ ହୁଏ ନାହିଁ । ଭଗବାନଙ୍କୁ ଭୁଲିଗଲେ ସେ ନାନାପ୍ରକାର ଦୁଃଖ ଭୋଗେ ଆଉ ଶୀଘ୍ର ବା ବିଳମ୍ବରେ ବହୁ ଦୁଃଖ-କଷ୍ଟ ଭୋଗିବା ପରେ କେବେ ନା କେବେ ଫେର୍ ଭଗବତ୍ ଶରଣାଗତ ହୁଏ ।

''ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ ।
ଅଭୟଂ ସର୍ବେଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ ।।'' (ବାଲ୍ମୀକି ରାମାୟଣ)

''ଅନ୍ତରରେ 'ମୁଁ ତୋର' କହି ଯେ ଶରଣାପନ୍ନ ହୁଏ, ମୁଁ ତାକୁ ସମସ୍ତ ପ୍ରାଣୀରୁ ନିର୍ଭୟ କରିଦିଏ ।'' ଅର୍ଥାତ୍ କୌଣସି ପ୍ରକାର ବିପଦ-ଆପଦରେ ପଡ଼ି ଭଗବାନଙ୍କର ଶରଣାପନ୍ନ ହେଲେ ଭଗବାନ୍ ସ୍ୱୀକାର କରିନିଅନ୍ତି । ପ୍ରଥମ ଥରରୁ ସେ ଭଗବଦଭିମୁଖୀ ହୋଇ ସାଧନାରେ ତତ୍ପର ହେଲେ କ୍ରମଶଃ ଦୋଷରୁ ମୁକ୍ତ ହୁଏ ଏବଂ ଭଗବତ୍ ପ୍ରାପ୍ତି କରେ । ପୂର୍ବାଭ୍ୟାସରୁ ଯଦି ସେ ଭଗବାନଙ୍କ କୃପା ପରିତ୍ୟାଗ କରି ଦୁଷ୍ପ୍ରବୃତ୍ତିର ବଶ ହୁଏ, ତେବେ ଭଗବାନ୍ ଅମଣିଆ ଘୋଡ଼ାର ଲଗାମ ଧରିଲା ପରି ବ୍ୟକ୍ତିକୁ ଛାଡ଼ି ଦିଅନ୍ତି । ସେ ଶୁଭାଶୁଭ କର୍ମ କରି ମହାନ୍ ଦୁଃଖ-କଷ୍ଟ ଭୋଗି ଜର୍ଜରିତ ହୋଇଥାଏ । ଭଗବାନ୍ ତାକୁ ସମୟ ସମୟରେ ଚେତାବନୀ ଦେଉଥା'ନ୍ତି । ଫେର୍ ଗୋଟିଏ ସମୟ ଆସେ, ଯେତେବେଳେ ସେ ପୂର୍ଣ୍ଣରୂପେ ସଚେତ ହୋଇ ଦୁର୍ଗୁଣ ତ୍ୟାଗ କରି ଭଗବତ୍ ଶରଣାପନ୍ନ ହୁଏ ।

ପ୍ରଶ୍ନ : ମା'ଙ୍କ କୃପାକୁ ବ୍ୟକ୍ତି କେଉଁ ଉପାୟରେ ସଦୁପଯୋଗ କରିପାରେ ? ଛଳ, କପଟ, ଦମ୍ଭ, ଅଭିମାନ ଏକାବେଳେକେ ତ୍ୟାଗ କରିବା କ'ଣ ବ୍ୟକ୍ତିପକ୍ଷେ ସମ୍ଭବ ?

ଉତ୍ତର : ମା'ଙ୍କ ଦ୍ୱାରା ଭଗବତ୍ କୃପା ପ୍ରାପ୍ତ ହୋଇ ତାହାର ସଦୁପଯୋଗ କରିବାର ଅର୍ଥ ହେଲା ପୂର୍ବ ଦୁର୍ଗୁଣକୁ ତ୍ୟାଗ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବା ଏବଂ ମା'ଙ୍କ ଶକ୍ତି ଉପରେ ନିର୍ଭରତା ଓ ଭରସା ରଖିବା । ଏହାରି ଅର୍ଥ ମା'ଙ୍କ କୃପାର ସଦୁପଯୋଗ କରିବା ।

ମନୁଷ୍ୟ ମଧ୍ୟରେ ଯେଉଁ ଛଳ, କପଟ, ଦମ୍ଭ ଇତ୍ୟାଦି ଦୁର୍ଗୁଣ ଥାଏ, ତାହା ମନୁଷ୍ୟର ସ୍ୱଭାବରେ ପରିଣତ ହୋଇ ଯାଇଥାଏ । ତାହାକୁ ଗୋଟିଏ ଦିନରେ କେହି ବି ତ୍ୟାଗ କରିପାରେ ନାହିଁ । କିନ୍ତୁ ଭଗବାନଙ୍କ ଉପରେ ଭରସା, ବିଶ୍ୱାସ ରଖି ତାଙ୍କୁ ପ୍ରାପ୍ତ ହେବା ଆଉ ଦୁର୍ଗୁଣକୁ ତ୍ୟାଗ କରିବାର ସଂକଳ୍ପ କରି ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହେଲେ ବ୍ୟକ୍ତିର କ୍ରମଶଃ ସତ୍ୟ, ଶାନ୍ତି, ଦୟା, ଭକ୍ତି ଆଦି ସଦ୍‌ଗୁଣ ଆସେ; ଛଳ, କପଟ, ଦମ୍ଭ, ଅହଂକାର ପ୍ରଭୃତି ଦୂର ହୁଏ । ପ୍ରଥମରେ ଏହି ସଂକଳ୍ପ ଓ ପ୍ରଯତ୍ନ ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ଯେଉଁ କାର୍ଯ୍ୟକରେ ସେ ସେହି କାର୍ଯ୍ୟ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହୋଇପାରେ । ସମସ୍ତ କାର୍ଯ୍ୟ ନିର୍ଭର କରେ ଭାବ ଉପରେ ।

ଧରନ୍ତୁ ଯଦି ଜଣେ ବିଦ୍ୟାର୍ଥୀ ମା'ଙ୍କ କୃପାରୁ ପାସ୍ କଲା, ଜଣେ ରୋଗୀ ରୋଗମୁକ୍ତ ହେଲା, ଜଣେ ବେପାରୀର

ବେପାର ଭଲଭାବେ ଚାଲିଲା, ଜଣେ ନେତା ନିଜ ଈପ୍‌ସିତ କାର୍ଯ୍ୟରେ ସଫଳ ହେଲେ; ତେବେ ସେମାନେ ନିମ୍ନଲିଖିତ ଭାବ ରଖିଲେ ମା'ଙ୍କ ଶକ୍ତି ବରାବର ସେମାନଙ୍କ ମଧ୍ୟରେ କାର୍ଯ୍ୟ କରି ସମସ୍ତ ଦୋଷତ୍ରୁଟିକୁ ଶୁଦ୍ଧ କରି ଲକ୍ଷ୍ୟରେ ପହୁଞ୍ଚାଇ ଦେବ ।

## ଭାବ

ମୁଁ, ମୋର ଯାହାକିଛି ଅଛି – ଘର, ପରିବାର, ସମ୍ପତ୍ତି, ମାନ-ସମ୍ମାନସବୁ ଭଗବାନଙ୍କର । ମୁଁ ଭଗବାନଙ୍କର ସେବକ । ଭଗବାନଙ୍କୁ ମାଲିକ ବୋଲି ମାନି ସେ ବେପାର କରିବ, ପଢ଼ିବ, ଚାକିରି କରିବ, ରାଜନୀତି ଅଥବା ଦେଶ-ଶାସନ କାର୍ଯ୍ୟ କରିବ । କିନ୍ତୁ ସମସ୍ତ କାର୍ଯ୍ୟକୁ ଭଗବାନଙ୍କ ସେବା ବୋଲି ମନେ କରିବ । ଭଗବାନ୍ ତା'ର ସମସ୍ତ କାର୍ଯ୍ୟ ଦେଖୁଛନ୍ତି ଏବଂ ସେ ଭଗବତ୍ ଶକ୍ତିରେ କାର୍ଯ୍ୟ କରୁଅଛି ବୋଲି ଧାରଣା ରଖିବ । ଏହି ଭାବ ରଖିଲେ ଅନ୍ୟର ଅନିଷ୍ଟ କରିବାରେ ପ୍ରବୃତ୍ତି ହେବ ନାହିଁ, କଳାବଜାର କରିବାରେ ମନ ବଳିବ ନାହିଁ, ଚାକିରିରେ ଲାଞ୍ଚ ଆଉ ଫାଙ୍କି ଚଳିବ ନାହିଁ, ରାଜନୀତିରେ ଛଳ, କପଟ, 'ପେଞ୍ଚ-ପାଞ୍ଚ'ର ସ୍ଥାନ ରହିବ ନାହିଁ । ଏହି ସମସ୍ତ କାର୍ଯ୍ୟ ହଠାତ୍ ହେବ ନାହିଁ । ଏସବୁକୁ ତ୍ୟାଗ କରିବାକୁ ସଂକଳ୍ପ କରି ଧୀରେ ଧୀରେ ତ୍ୟାଗ କରିବାକୁ ହେବ । ଭଗବତ୍ ଭାବ ବଢ଼ାଇବାକୁ ହେବ । ଯେତେ ଭଗବତ୍ ଭାବ, ଭଗବତ୍ ବିଶ୍ୱାସ, ନିର୍ଭରତା ବଢ଼ିବ, ତେତେ ପରିମାଣରେ ଦୁର୍ଗୁଣ କମ୍ ହେବାକୁ ଲାଗିବ । କିନ୍ତୁ ସଂସ୍କାରବଶତଃ ଏହିସବୁ ଦୁର୍ଗୁଣ, ଲୋଭ, ସୁବିଧା ପାଇ ମଝେ ମଝେ ଆସିପାରେ ମାତ୍ର ସତର୍କ ହୋଇ ତାହା ଦୂର କରିବାକୁ ହେବ ।

ଯେଉଁମାନେ ମା'ଙ୍କ କୃପା ପ୍ରାପ୍ତ କରି ଏହିସବୁ ଦୁର୍ଗୁଣକୁ ପ୍ରଶ୍ରୟ ଦେବେ, ସେମାନେ ସେହି କୃପାରୁ ଦୂରକୁ ଚାଲିଯିବେ, ଯେଉଁମାନେ ଏସବୁକୁ ତ୍ୟାଗ କରିବାକୁ ଚେଷ୍ଟା କରିବେ ସେମାନେ ମା'ଙ୍କ କୃପାର ନିକଟବର୍ତ୍ତୀ ହେବେ ।

ଭଗବତ୍ ମାର୍ଗରେ ଅଗ୍ରସର ହେବାର ସବୁଠାରୁ ସରଳ, ସୁଗମ ମାର୍ଗ ହେଲା ମା'ଙ୍କ ଉପରେ ବିଶ୍ୱାସ, ଭରସା ରଖିବା । ଏତିକି ହେଲେ ବାକି ଆବଶ୍ୟକ ସାଧନା ଉଚିତ ସମୟରେ ଆସିବ । ପ୍ରତ୍ୟେକ ବ୍ୟକ୍ତିକୁ ଭଗବତ୍ କୃପା ପ୍ରାପ୍ତ କରିବାକୁ ଭଗବତ୍ ଶରଣାପନ୍ନ ହୋଇ ଦୁର୍ଗୁଣ ତ୍ୟାଗ କରିବାକୁହିଁ ହେବ । ଏହିସବୁ ପ୍ରଯତ୍ନ ଦ୍ୱାରା ଭଗବତ୍ କୃପା ପ୍ରାପ୍ତ ହୁଏ । ତଥାପି ଭଗବତ୍ କୃପା ଏହିସବୁ ନିୟମର ମଧ୍ୟରେ ଏବଂ ନିୟମର ବହୁ ଉପରେ । ଭଗବତ୍ କୃପା କୌଣସି ବିଧି-ବିଧାନର ସୀମାରେ ବନ୍ଦୀ ହୁଏ ନାହିଁ, ତାହା ସର୍ବଦା ସ୍ୱାଧୀନ । ସୁତରାଂ ବ୍ୟକ୍ତିର କର୍ତ୍ତବ୍ୟ ହେଲା, ଉପରଲିଖିତ ଯେଉଁ କର୍ମ ଦ୍ୱାରା ଭଗବତ୍ କୃପାପ୍ରାପ୍ତ ହୁଏ, ତାହାହିଁ ଆଚରଣ କରିବା ।

ଆଉ ଗୋଟିଏ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି – ଭଗବାନ୍ ଅଥବା ମହାପୁରୁଷମାନେ ଏହି ପୃଥିବୀରେ ଅବତାର ନେଇ କାଳ ଅନୁସାରେ ଅଧ୍ୟାତ୍ମ-ଶିକ୍ଷା ଦିଅନ୍ତି । ସେହି ସମୟ ସକାଶେ ସେହି ଶିକ୍ଷା ଉପଯୋଗୀ ।

ବୁଦ୍ଧଦେବଙ୍କ ଶିକ୍ଷା, ଶଙ୍କରଙ୍କ ସମୟରେ ଅଧିକ ଉପଯୋଗୀ ନ ଥିଲା । ଚୈତନ୍ୟ, ରାମାନୁଜ, ରାମାନନ୍ଦଙ୍କ ସମୟରେ ଶଙ୍କରଙ୍କ ଶିକ୍ଷାର ସମୟ ଅତୀତ ହୋଇଥିଲା । ବର୍ତ୍ତମାନ ଯୁଗରେ ମା' ଶ୍ରୀଅରବିନ୍ଦଙ୍କ ଶିକ୍ଷାହିଁ ଆବଶ୍ୟକ । ଏହା କାଳର ଉପଯୋଗୀ ହେବା ସତ୍ତ୍ୱେ ପୁରାତନ ଅଧ୍ୟାତ୍ମଶିକ୍ଷାର ବିରୋଧୀ ନୁହେଁ । ସମସ୍ତ ପୁରାତନ ଅଧ୍ୟାତ୍ମ-ମାର୍ଗରେ ଏହା ସାମଞ୍ଜସ୍ୟ ସ୍ଥାପନ କରେ ଏବଂ ପୂର୍ଣ୍ଣ କରି ତୋଳେ । ତା' ଛଡ଼ା ଯେତେବେଳେ ଯେଉଁ ମହାପୁରୁଷ ନୂତନ ଶିକ୍ଷା ଦେବାକୁ ଆସନ୍ତି, ସେତେବେଳେ ସେ ଗୋଟିଏ ଶକ୍ତି ନିଜ ସଙ୍ଗେ ନେଇ ଆସିଥା'ନ୍ତି, ହଜାର ହଜାର ନରନାରୀଙ୍କୁ ଅଳ୍ପ ପ୍ରୟାସରେ ଉଦ୍ଧାର କରନ୍ତି । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହା ପ୍ରତ୍ୟେକଙ୍କ ନିମିତ୍ତ ଗୋଟିଏ ସୁବର୍ଣ୍ଣ ସୁଯୋଗ ।

ପ୍ରଶ୍ନ : ଭଗବାନଙ୍କୁ ଯେଉଁ ବ୍ୟକ୍ତି ଯେଉଁ ସମୟରେ ସ୍ମରଣ କରେ ତାଙ୍କ କୃପା ପ୍ରାପ୍ତ କରିପାରେ, ପୁଣି ଅବତାର ନେବାର ବିଶେଷତ୍ୱ କ'ଣ ?

ଉତ୍ତର : ବ୍ୟକ୍ତି ଭଗବାନଙ୍କୁ ସ୍ମରଣ କରି ଭଗବତ୍ କୃପା ପ୍ରାପ୍ତ କରିପାରେ, କିନ୍ତୁ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନ ନେଇ ଆମ୍ଭମାନଙ୍କ ମନୁଷ୍ୟ ସମାଜରେ ଉତରି ନ ଆସିଲେ ତାଙ୍କ ଆଚରିତ ଆଦର୍ଶ ଆମ୍ଭେ ଗ୍ରହଣ କରିପାରୁ ନାହିଁ କିଂବା ପୃଥିବୀରେ ଗୋଟିଏ ନୂତନ ଚେତନା ଏବଂ ନୂତନ ଆଦର୍ଶ ସ୍ଥାପନ ହୋଇପାରେ ନାହିଁ । ଆମ୍ଭମାନଙ୍କ ପରି ମନୁଷ୍ୟ ଶରୀର ଭଗବାନ୍ ଧାରଣ ନ କଲେ ଆମ୍ଭେମାନେ ତାଙ୍କ ସହିତ ଆମ୍ଭର ସ୍ୱାଭାବିକ ସଂସାର-ସମ୍ବନ୍ଧ ସ୍ଥାପନ କରିପାରୁ ନାହିଁ ।

ପ୍ରଶ୍ନ : ଭଗବାନ୍ ସର୍ବସମର୍ଥ, ସେ ସଂକଳ୍ପ କରିବା ମାତ୍ରେ ପୃଥିବୀ ଚେତନା ପରିବର୍ତ୍ତନ ହୋଇପାରେ, ସେଥିସକାଶେ ଏତେ କଷ୍ଟ ସ୍ୱୀକାର କରି ସେ ଅବତାର ନିଅନ୍ତି କାହିଁକି ?

ଉତ୍ତର : ଭଗବାନ୍ ସର୍ବସମର୍ଥ, ସେ ସବୁ କରିପାରନ୍ତି, ଅବତାର ମଧ୍ୟ ନେଇପାରନ୍ତି । ସେ କୌଣସି ନିୟମର ଅଧୀନ ନୁହନ୍ତି । ସେ ଯାହା କରନ୍ତି ତାହାହିଁ ନିୟମ । ଭଗବାନ୍ ଦୀନବନ୍ଧୁ ଏବଂ କରୁଣାସିନ୍ଧୁ । ତାଙ୍କ ହୃଦୟ କରୁଣାରେ ପୂର୍ଣ୍ଣ ଥାଏ । ସେ ନିଜ ଆଶ୍ରିତମାନଙ୍କ ଦୁଃଖ ଦେଖି ସହ୍ୟ କରିପାରନ୍ତି ନାହିଁ । ସେମାନେ ଯେଉଁଠାରେ ଯେଉଁ ଦୁଃଖକଷ୍ଟରେ ଥାଆନ୍ତି, ସେହି ସ୍ଥାନକୁ ସେମାନଙ୍କ ଶରୀର ଅନୁରୂପ ଶରୀର ଧାରଣ କରି ସେମାନଙ୍କୁ ଉଦ୍ଧାର କରିବା ସକାଶେ ସେମାନଙ୍କ ମଧ୍ୟରେ ଅବତାର ନିଅନ୍ତି । ଭଗବାନ୍ କିଛି ବିଚାର ନ କରି ପୁତ୍ରବତ୍ସଳା ଜନନୀ ବୁଡ଼ିଯାଉଥିବା ସନ୍ତାନକୁ ରକ୍ଷା କରିବା ସକାଶେ ଅଗାଧ ଜଳରେ ଡେଇଁ ପଡ଼ିବା ସଦୃଶ ଆଶ୍ରିତମାନଙ୍କୁ ରକ୍ଷା କରିବା ସକାଶେ ସେ ତାଙ୍କରି ମଝିରେ ଅବତରି ଆସନ୍ତି । ଏହାହିଁ ତାଙ୍କର ଭକ୍ତବତ୍ସଳତା ।

ଅନ୍ୟ କାରଣ ହେଉଛି ଭଗବାନଙ୍କ ସୃଷ୍ଟି ବିବର୍ତ୍ତନଶୀଳ ଅର୍ଥାତ୍ ବିକାଶଶୀଳ । ଜଡ଼ରୁ କ୍ରମଶଃ ମନୋମୟ ମାନବ ପର୍ଯ୍ୟନ୍ତ ସୃଷ୍ଟିର ବିକାଶ ଘଟିଛି । ଏହି କ୍ରମ-ବିକାଶ ବରାବର ଚାଲିଥିବ । ଭଗବାନ୍ ତାଙ୍କ ଶକ୍ତିରେ ଯଦି ସବୁ କରିଦିଅନ୍ତି, ତେବେ ତାଙ୍କ ସୃଷ୍ଟି କରିବା ଏବଂ କ୍ରମବିକାଶରେ ତାତ୍ପର୍ଯ୍ୟ ରହିବ ନାହିଁ, ସେହି ସକାଶେ ଭଗବାନ୍ ଆଶ୍ଚର୍ଯ୍ୟଚକିତ ପରିବର୍ତ୍ତନ ନ କରି ନିଜେ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟଜାତି ସମ୍ମୁଖରେ ଆଦର୍ଶ ରଖି ତାକୁ ବିକାଶ-ମାର୍ଗରେ ନେଇଯାଆନ୍ତି । ଏହାହିଁ ଭଗବାନଙ୍କର ଅବତାରର ଉଦ୍ଦେଶ୍ୟ ।

ସୃଷ୍ଟି ପୂର୍ବରୁ ଭଗବାନ୍ 'ଏକ' ଥିଲେ । ସୃଷ୍ଟି ଉଦ୍ଦେଶ୍ୟରେହିଁ 'ବହୁ' ହେଲେ । ସୃଷ୍ଟିର ନିୟମ ହେଉଛି ଜ୍ଞାନ, ଅଜ୍ଞାନ, ସୁଖ, ଦୁଃଖ ଏବଂ ତାହାରି ମଧ୍ୟ ଦେଇ ବିକାଶ । ଏହି ନିୟମ ନିର୍ଦ୍ଧାରିତ କରିଛନ୍ତି ସ୍ୱୟଂ ଭଗବାନ୍ । ସେ ସର୍ବସମର୍ଥ ହେବା ସତ୍ତ୍ୱେ ସଂସାରର ଉଦ୍ଦେଶ୍ୟ କାଏମ ରଖିବା ସକାଶେ ନିଜ ଐଶ୍ୱର୍ଯ୍ୟ ପ୍ରୟୋଗ ନ କରି ସ୍ୱୟଂ ଅବତାର ନିଅନ୍ତି ।

ପ୍ରଶ୍ନ : ଦୁଃଖତାପପୀଡ଼ିତ ମାନବଙ୍କୁ ଉଦ୍ଧାର କରିବା ସକାଶେ ମା' ପୃଥିବୀରେ ଅବତୀର୍ଣ୍ଣା ହୋଇଅଛନ୍ତି । ତାଙ୍କ ଆଶୀର୍ବାଦ ପୃଥିବୀରେ ବର୍ଷା ହେଉଅଛି । କିନ୍ତୁ ଜନ୍ମଦିନରେ ଅଥବା ଫଟୋରେ ଆଶୀର୍ବାଦ ନେବାକୁ ହେଲେ କିଂବା ଅନ୍ୟ କୌଣସି କାରଣରୁ ମା'ଙ୍କ ଆଶୀର୍ବାଦ ଚାହିଁଲେ କିଂବା ମା'ଙ୍କ ଦର୍ଶନକୁ ଗଲେ ପ୍ରଣାମୀ (ଅର୍ଥ) କାହିଁକି ମା'ଙ୍କ ଚରଣରେ ନିବେଦନ କରାହୁଏ ?

ଉତ୍ତର : ବ୍ୟକ୍ତିର ସମସ୍ତ ଦ୍ୱାର ସ୍ୱାର୍ଥ, କାମ, କ୍ରୋଧ, ହିଂସା ଦ୍ୱାରା ବନ୍ଦ ଥାଏ । ଭଗବାନଙ୍କ କୃପା-ପ୍ରବେଶର ପଥ ନ ଥାଏ । ମନ ଅଥବା ଅର୍ଥ (ଧନ) ମା'ଙ୍କ ଚରଣରେ ନିବେଦନ କଲେ ତା' ସତ୍ତାର ଆବରଣରେ ଟିକିଏ ମାର୍ଗ ଉନ୍ମୁକ୍ତ ହୁଏ । ସେହି ମାର୍ଗରେ ମା'ଙ୍କ କୃପା ପ୍ରବେଶ କରେ । ବ୍ୟକ୍ତି କିଛି ନ ଦେଲେ କିଛି ପାଇପାରେ ନାହିଁ । ସେ ଦିଏ ନିଜେ ପାଇବା ସକାଶେ, ଭଗବାନଙ୍କର ଉପକାର ସକାଶେ ନୁହେଁ । ବ୍ୟକ୍ତି ପକ୍ଷେ ମନ ଦେବା ସମ୍ଭବ ନୁହେଁ; ମନ ସ୍ୱେଚ୍ଛାଚାରୀ, ତା' ଉପରେ ବ୍ୟକ୍ତିର ଅଧିକାର ନ ଥାଏ । ଅର୍ଥ ଦେବା ସହଜ ଥିବାରୁ ବ୍ୟକ୍ତି ତାହା ନିବେଦନ କରେ । ବ୍ୟକ୍ତିର ଅଧିକ ମୋହ ଥାଏ ଧନ (ଅର୍ଥ) ଏବଂ ମନରେ । ସେ ଧନ ଏବଂ ମନ ଅନ୍ୟ କାହାକୁ ଦେବାକୁ ଚାହେଁ ନାହିଁ । ତା'ର ପ୍ରାଣଜ ବାସନା-କାମନା ଏବଂ ସ୍ୱାର୍ଥସିଦ୍ଧି ଯେଉଁଠି ହୁଏ ସେଇଠି ସେ ଉଦାର ହୃଦୟରେ ମନ ଢାଳି ଦିଏ, ଧନ ଅଜାଡ଼ି ଦିଏ । ଯେଉଁଠାରେ ପ୍ରାଣର ତୁଷ୍ଟି ସାଧନ ନ ଥାଏ, ସେଠାରେ ଗୋଟାଏ ପଇସା ଖର୍ଚ୍ଚ କରିବାକୁ ଚାହେଁ ନାହିଁ ।

ବ୍ୟକ୍ତିର ଯେପର୍ଯ୍ୟନ୍ତ ଭଗବାନଙ୍କ ପ୍ରତି ଭକ୍ତି ନ ଥାଏ, ନିଜକୁ ତାଙ୍କ ଚରଣରେ ସମର୍ପଣ କରି ନ ଥାଏ, ସେହି ପର୍ଯ୍ୟନ୍ତ ଏହି ପ୍ରଶ୍ନ ତା' ମନରେ ଉଠୁଥାଏ ଏବଂ ଭଗବାନଙ୍କଠାରୁ ସବୁ ନେବାକୁ ଚାହେଁ, କିଛି ଦେବାକୁ ଚାହେଁ ନାହିଁ। କହିଦିଏ, ''ଭଗବାନଙ୍କର ତ ସବୁ, ତାଙ୍କୁ ଦେବା କ'ଣ ?'' ଯେଉଁଠାରେ ତା'ର ପ୍ରାଣଜ ବାସନା-କାମନା ତୁଷ୍ଟ ହୁଏ ସେଠାରେ ସେ ପିନ୍ଧିବା ଲୁଗା ବିକ୍ରି କରି ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଥାଏ । ଏହିପରି ମୋହଗ୍ରସ୍ତ ଲୋଭୀ ବ୍ୟକ୍ତିଙ୍କର ଯଦି ଭଗବାନଙ୍କର କୃପାରୁ ସଦ୍‌ବୁଦ୍ଧି ଉତ୍ପନ୍ନ ହୁଏ, ତେବେ ତା'ର ଉପାର୍ଜିତ ଧନର ଶତଭାଗରୁ ଏକ ଭାଗ ଭଗବତ୍ ସେବାରେ ଖର୍ଚ୍ଚ କରେ; ଅନେଶତ ଭାଗ ନିଜେ ଏବଂ ନିଜ ପରିବାର ସକାଶେ ରଖେ । ଭଗବାନଙ୍କର ଏହି ସମସ୍ତ ଧନ ମଧ୍ୟରୁ ଏକଭାଗ ଭଗବାନଙ୍କୁ ଦେଇ ଭଗବାନଙ୍କ ଉପରେ କରଜ ଲଦିଲା ପରି ମନେ କରେ । ଏହିପରି ବ୍ୟକ୍ତି ଯଦି ଘରେ କୌଣସି ମନ୍ଦିର ତିଆରି କରେ ସେଥିରେ ଦଶ ହଜାର ଟଙ୍କା ଖର୍ଚ୍ଚ କରେ କିନ୍ତୁ ନିଜ ରହିବା ଘର ତିଆରି ସକାଶେ ଖର୍ଚ୍ଚ କରେ ଦଶ ଲକ୍ଷ । ସ୍ତ୍ରୀର ଅଳଙ୍କାରରେ ଯେତେ ଟଙ୍କା ଖର୍ଚ୍ଚ କରେ ତା'ର ଶହେ ଭାଗରୁ ଏକଭାଗ କରେ ଠାକୁରଙ୍କ ଅଳଙ୍କାରରେ । ଏହାର ଯଥାର୍ଥ କାରଣ ହେଲା ବ୍ୟକ୍ତିର ଅତି ସାମାନ୍ୟ ଭାଗ ଭଗବାନଙ୍କ ପ୍ରତି ଉନ୍ମୁକ୍ତ ଥାଏ ସେହି ସକାଶେ ସେ ଭଗବାନଙ୍କଠାରୁ ରୋଗରୁ ମୁକ୍ତି, ବ୍ୟବସାୟରେ ଲାଭ, ମାନ-ଯଶୋପ୍ରାପ୍ତି, ପରୀକ୍ଷାରେ ପାସ୍ ନିଜ ସ୍ୱାର୍ଥସିଦ୍ଧି ଚାହେଁ; କିନ୍ତୁ ଧନ ପ୍ରତି ପ୍ରାଣର ଅତ୍ୟନ୍ତ ଆସକ୍ତି ଥିବାରୁ ଭଗବାନଙ୍କୁ କିଛିମାତ୍ର ଦେବାକୁ ଚାହେଁ ନାହିଁ । ବ୍ୟକ୍ତି ନିଜ ପ୍ରାଣର ଆସକ୍ତିକୁ ସମର୍ଥନ ତଥା ନିଜ ଆତ୍ମାକୁ ପ୍ରବଞ୍ଚନା କରିବା ସକାଶେ ଯୁକ୍ତି ଦିଏ, ''ଭଗବାନଙ୍କର ତ ସବୁ, ଭଗବତ୍ କୃପା ପ୍ରାପ୍ତ କରିବା ସକାଶେ ତାଙ୍କୁ ଧନ ଅର୍ପଣ କରିବାର ଆବଶ୍ୟକତା କ'ଣ ? ଏହି ଭାବର ମୂଳରେ ଥାଏ ଧନ ପ୍ରତି ଆସକ୍ତି ବା ମନପ୍ରାଣର କାମନା ସିଦ୍ଧି ପ୍ରଧାନ, ଭଗବାନ୍ ଅତ୍ୟନ୍ତ ଗୌଣ । ସେ ସାଂସାରିକ ବସ୍ତୁପ୍ରାପ୍ତିର ସାଧନ ରୂପେ ଗ୍ରହଣ କରେ ଭଗବାନଙ୍କୁ । ଅର୍ଥାତ୍ ଭଗବାନ୍ ତା'ର କରଣ(means) ଏବଂ ସାଂସାରିକ ବସ୍ତୁ ତା'ର ସିଦ୍ଧି । ଠିକ୍ ଏହାର ବିପରୀତ ଭଗବାନଙ୍କର ଆଶ୍ରିତ ଭକ୍ତ । ସେ ଭଗବତ୍ ପ୍ରାପ୍ତି ସକାଶେ ଧନ, ଐଶ୍ୱର୍ଯ୍ୟ, ସଂସାର, ସଂସାରର ସମସ୍ତ ବସ୍ତୁ, ନିଜେ ତଥା ନିଜର ମନ-ପ୍ରାଣ-ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିବାରେ ମହାନ୍ ଆନନ୍ଦ ପ୍ରାପ୍ତ ହୁଏ । ସେ ଚାହେଁ ସମସ୍ତ କିଛି ଭଗବାନଙ୍କୁ ଦେଇ ଦେବାକୁ, କିଛି ପ୍ରତିଦାନ ନ ଚାହିଁ । ସ୍ୱାର୍ଥପର ମୋହଗ୍ରସ୍ତ ବ୍ୟକ୍ତି କିଛି ବି ନ ଦେଇ ଭଗବାନଙ୍କଠାରୁ ସମସ୍ତ ଆଦାୟ କରିବାକୁ ଚାହେଁ । ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ନ ହେଲେ ତା'ର ପ୍ରଭାବ ମନ-ପ୍ରାଣରେ ପଡ଼େ ନାହିଁ କିଂବା ମନପ୍ରାଣ ବିଶୁଦ୍ଧ ହୁଏ ନାହିଁ । ଅଶୁଦ୍ଧ ମନ-ପ୍ରାଣକୁ ଯଥାର୍ଥ ଜ୍ଞାନ ଅଧିକାର ନ କଲେ ଯଥାର୍ଥ ଅଯଥାର୍ଥ ସେ ବୁଝିପାରେ ନାହିଁ । ସେହି କାରଣରୁ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଐଶ୍ୱର୍ଯ୍ୟର ମୂର୍ତ୍ତିମାନ ସ୍ୱରୂପ ଭଗବାନଙ୍କୁ ଛାଡ଼ି ତୁଚ୍ଛ ସାଂସାରିକ ବସ୍ତୁ ଚାହେଁ । ଭଗବାନ୍ ସର୍ବ ବସ୍ତୁରେ ଓତପ୍ରୋତ ହୋଇ ଆମ୍ଭ ସମ୍ମୁଖରେ ସବୁ ସମୟରେ ବିଦ୍ୟମାନ ଥାଆନ୍ତି । ଆମ୍ଭେମାନେ ବସ୍ତୁ ଅଭ୍ୟନ୍ତରସ୍ଥିତ ଭଗବାନଙ୍କୁ ଦେଖିପାରୁ ନାହିଁ; ବସ୍ତୁର ବାହ୍ୟରୂପ ଦେଖୁ ଏବଂ ତାହାହିଁ ଚାହୁଁ । ଆମ୍ଭମାନଙ୍କର ବାହ୍ୟବସ୍ତୁରେ ଆସକ୍ତି ଥାଏ, ସେହି ବାହ୍ୟ ବସ୍ତୁ ସମର୍ପିତ ହେଲେ ଅନ୍ତରସ୍ଥିତ ଭଗବାନଙ୍କୁ ଆମ୍ଭେ ପାଇପାରୁ । ଯଥାର୍ଥରେ ପାଇବା ସକାଶେ ଆମେ ଭଗବାନଙ୍କୁ ସମର୍ପଣ କରୁ । ଏହାର ପ୍ରମାଣ ହେଉଛି ସୁଦାମାଙ୍କ ତଣ୍ଡୁଳ ।

ସୁଦାମାଙ୍କ ତଣ୍ଡୁଳ ଭାଗବତରେ ପ୍ରସିଦ୍ଧ । ସ୍ତ୍ରୀର ଅତ୍ୟନ୍ତ ଆଗ୍ରହରେ କିଛି ଧନ ଶ୍ରୀକୃଷ୍ଣଙ୍କଠାରୁ ପାଇବା ସକାଶେ ସୁଦାମା ଯାଇଥିଲେ ଦ୍ୱାରକାକୁ । କିନ୍ତୁ ତାଙ୍କର ଧନପ୍ରାପ୍ତି ଅପେକ୍ଷା ବହୁତ ଆଗ୍ରହ ଥିଲା ଶ୍ରୀକୃଷ୍ଣଙ୍କ ଦର୍ଶନ । ଯିବା ସମୟରେ ଦରିଦ୍ର ସୁଦାମାଙ୍କ ସ୍ତ୍ରୀ ଶ୍ରୀକୃଷ୍ଣଙ୍କ ସକାଶେ ଉପହାର ବା ଭେଟି ରୂପେ ଦେଇଥିଲେ କିଛି ତଣ୍ଡୁଳ । ତଣ୍ଡୁଳର ଅର୍ଥ ଚୁଡ଼ା ମଧ୍ୟ ହୋଇପାରେ । ଶ୍ରୀକୃଷ୍ଣ ଅତି ଆଗ୍ରହରେ ମୁଠିଏ ତଣ୍ଡୁଳ ମୁଖରେ ଦେଇ ଅନ୍ୟ ମୁଠାଟି ଉଠାଇବା ସମୟରେ ରୁକ୍ମିଣୀ ଆସି ଶ୍ରୀକୃଷ୍ଣଙ୍କ ହସ୍ତ ଧରି ପକାଇଲେ ଓ କହିଲେ, ''ମୁଠିକରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଦେଇ ସାରିଛ, ଅନ୍ୟ ମୁଠାଟି ଗ୍ରହଣ କଲେ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ ରୂପେ ମୋତେ ସୁଦାମାପୁରୀରେ ରହିବାକୁ ପଡ଼ିବ ।'' ଭକ୍ତ ଯେତେ ଅଧିକ ଶ୍ରଦ୍ଧାରେ ଭଗବାନଙ୍କୁ ବସ୍ତୁ ଅର୍ପଣ କରନ୍ତି ପାଆନ୍ତି ତାହାଠାରୁ ବହୁତ ବେଶୀ । ଯେ ନିଜକୁ ପୂର୍ଣ୍ଣରୂପେ ଦିଅନ୍ତି ସେ ଭଗବାନଙ୍କୁ ପାଆନ୍ତି ପୂର୍ଣ୍ଣରୂପେ । ଭଗବାନଙ୍କୁ ପାଇବାର ଏକମାତ୍ର ଉପାୟ ହେଲା ନିଜକୁ ଦେଇ ଦେବା ।

ନିଜକୁ ଦେଇଦେବାର ଉପାୟ ହେଉଛି ଭକ୍ତି, ଜ୍ଞାନ ଏବଂ ସମର୍ପଣ ଆଦି ସାଧନା । ସେହି ସକାଶେ ଦେବ ମନ୍ଦିରରେ ଭୋଗ ଦେବାର ବିଧାନ ପ୍ରଚଳିତ । ଶ୍ରୀକୃଷ୍ଣ ଗୀତାରେ କହି ଅଛନ୍ତି ଯେ ଭଗବାନଙ୍କୁ ଶ୍ରଦ୍ଧାରେ ପୁଷ୍ପ, ପତ୍ର, ଫଳ, ଜଳ ଦେଲେ ଭଗବାନ୍ ଆନନ୍ଦରେ ତାହା ଗ୍ରହଣ କରନ୍ତି । ସମସ୍ତ ଜଳର ପତି ବରୁଣ । ତାଙ୍କରି ଜଳ ମଧ୍ୟରୁ ଆଞ୍ଜୁଳିଏ ଜଳ ସମର୍ପଣ କରି ତାଙ୍କରି କୃପା ବ୍ୟକ୍ତି ପାଏ । ଯଥାର୍ଥରେ ସଂସାର ଏବଂ ସଂସାରର ସମସ୍ତ ବସ୍ତୁ ଭଗବାନଙ୍କର । ଭଗବାନଙ୍କ ବସ୍ତୁ ଭଗବାନଙ୍କୁ ଅର୍ପଣ କରି ବ୍ୟକ୍ତି ଭଗବତ୍ କୃପା ଲାଭ କରେ । ମୋହ, ସ୍ୱାର୍ଥ, ଅଜ୍ଞାନ ଓ ଆସକ୍ତିର ବଶ ହୋଇ ବ୍ୟକ୍ତି ଭଗବାନଙ୍କ ବସ୍ତୁକୁ ନିଜର ବୋଲି ମନେକରେ । ଭଗବାନଙ୍କଠାରୁ କିଛି ପାଇବାକୁ ହେଲେ ଧନରେ ଥିବା ନିଜ ମୋହ-ଆସକ୍ତି ମଧ୍ୟରୁ ସେହି ଧନ ଦ୍ୱାରା କିଛି ମୋହ ଆସକ୍ତି ଭଗବାନଙ୍କ ଚରଣରେ ଅର୍ପଣ କରେ । ସେହି ଅର୍ପଣର ପ୍ରତିଦାନରେ ଭଗବାନଙ୍କଠାରୁ ଅଧିକ ପ୍ରାପ୍ତ ହେବାର ମାର୍ଗ ଉନ୍ମୁକ୍ତ ହୁଏ । ଏହି ସକାଶେ ବ୍ୟକ୍ତି ମା'ଙ୍କ କୃପା ପାଇବା ଉଦ୍ଦେଶ୍ୟରେ କିଛି ପ୍ରଣାମୀ ଟଙ୍କା ଦିଏ । ଏହା ମା'ଙ୍କ ଉପକାର ସକାଶେ ନୁହେଁ, ନିଜ ସ୍ୱାର୍ଥସିଦ୍ଧି କରିବା ସକାଶେ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝା ଯାଉଛି ଯେ ନିଜେ ଏବଂ ନିଜର ଯାହାକିଛି ଅଛି ସମସ୍ତ ମା'ଙ୍କ ଚରଣରେ ନିବେଦନ କରିଦେବା, କିଛି ଚାହିଁବା ନାହିଁ । ତେବେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ହୋଇପାରେ । କିନ୍ତୁ ଏହା ଛାଡ଼ି ବ୍ୟକ୍ତି ସାଂସାରିକ ବସ୍ତୁ ଚାହେଁ କାହିଁକି ?

ଉତ୍ତର : ଏହା ନିର୍ଭର କରେ ବ୍ୟକ୍ତି-ଚେତନାର ବିକାଶ ଉପରେ । ବ୍ୟକ୍ତିର ଚେତନା ପର୍ଯ୍ୟାପ୍ତ ବିକଶିତ ହୋଇ ନ ଥିବାରୁ ତା' ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ସେ ବୁଝିପାରେ ନାହିଁ ।

ସାଂସାରିକ ବସ୍ତୁରେ ତା'ର ଥାଏ ଆସକ୍ତି । ସେଥିନେଇ ଭଗବାନଙ୍କଠାରୁ ସେ ତାହାହିଁ ଚାହେଁ । ବହୁତ ବ୍ୟକ୍ତି ଏହି ସାଂସାରିକ ବସ୍ତୁ ପ୍ରାପ୍ତ ହେବାପରେ ଭଗବତ୍ କରୁଣାର ସ୍ପର୍ଶ ସେମାନଙ୍କ ଅନ୍ତରାତ୍ମା ଲାଭ କରେ । ଏହାଦ୍ୱାରା ସେମାନଙ୍କର ବାସନା-କାମନା ଦୂର ହୋଇଥାଏ । ସେମାନେ ସାଧାରଣ ବସ୍ତୁ ଭଗବାନଙ୍କଠାରୁ ନ ଚାହିଁ ଭଗବାନଙ୍କର ଚରଣରେ ନିଜକୁ ସମର୍ପଣ କରିଦିଅନ୍ତି ।

ପ୍ରଶ୍ନ : ମା' ପୃଥିବୀକୁ ଆସିଛନ୍ତି ମୃତ୍ୟୁପୁରୀରେ ସ୍ୱର୍ଗରାଜ୍ୟ ଏବଂ ରୋଗ-ଜରା-ମୃତ୍ୟୁ ଓ ଦୁଃଖ ତାପ ପ୍ରପୀଡ଼ିତ ମନୁଷ୍ୟ-ସମାଜରେ ରୋଗ-ଜରା-ମୃତ୍ୟୁମୁକ୍ତ, ଜ୍ଞାନ-ଆନନ୍ଦଯୁକ୍ତ ଅତିମାନବଜାତି ସ୍ଥାପନ କରିବା ସକାଶେ । କିନ୍ତୁ ମା'ଙ୍କ କୃପା ପ୍ରାପ୍ତ କରୁଛନ୍ତି କଳାବଜାରୀ ବ୍ୟାପାରୀ, ଅନ୍ୟାୟ, ଅସତ୍ୟ, ମିଥ୍ୟା, ଛଳ-କପଟ ଆଚରଣ କରୁଥିବା ରାଜନୈତିକ ଧୂର୍ତ୍ତ, ସ୍ୱାର୍ଥପର ନେତା, ଏବଂ ଦସ୍ୟୁ ରତ୍ନାକର ସଦୃଶ ଅତ୍ୟାଚାରୀ ବ୍ୟକ୍ତି । ଏହାଦ୍ୱାରା ଅନ୍ୟାୟକୁ ପ୍ରଶ୍ରୟ ମିଳୁଅଛି । ପତନୋନ୍ମୁଖୀ ବ୍ୟକ୍ତି ଏହି ସୁଯୋଗ ପାଇ ମା'ଙ୍କ ନାମରେ ଅଧିକ ଅନ୍ୟାୟ କରୁଅଛନ୍ତି । ଏହାଦ୍ୱାରା ସର୍ପକୁ ଦୁଗ୍ଧପାନ କରାଇବା ସଦୃଶ ବ୍ୟକ୍ତିର ଅନ୍ୟାୟ ଆଚରଣ ବୃଦ୍ଧି ପାଉଅଛି, ସମାଜ ସୁଧାର ହେବା ପରିବର୍ତ୍ତେ ପତନ ହେବା ଦିଗରେ ଗତି କରୁଥିବା ପରି ଅନୁମାନ ହେଉଅଛି । ମୁଁ ମନେକରେ ଯେ ଏହିପରି ଅସତ୍ୟ ପରାୟଣ ବ୍ୟକ୍ତିଙ୍କୁ ଆଶ୍ରମରେ ଏକେବାରେ ପ୍ରବେଶ-ନିଷେଧ କରା ହେଲେ ସେମାନେ ନିଜର ଭୁଲ୍ ବୁଝିପାରନ୍ତେ ଏବଂ ତାହା ତ୍ୟାଗ କରିବାକୁ ଚେଷ୍ଟା କରନ୍ତେ ।

ଉତ୍ତର : ଭଗବତ୍ ଆଶୀର୍ବାଦ ଦ୍ୱାରା ସର୍ପକୁ ଦୁଗ୍ଧ ପାନ କରାଇବା ସଦୃଶ ବ୍ୟକ୍ତିର ଅନ୍ୟାୟ, ଅସତ୍ୟ ବୃଦ୍ଧି ହୁଏ ନାହିଁ, ଏହା ଦୂର ହୋଇ ସତ୍ୟ, ନ୍ୟାୟ ପ୍ରତିଷ୍ଠିତ ହୁଏ । ତୁମ୍ଭ କହିବା ଅନୁସାରେ ଯଦି ଅସତ୍ୟପରାୟଣ ବ୍ୟକ୍ତିଙ୍କ ସକାଶେ ଆଶ୍ରମ ଦ୍ୱାର ବନ୍ଦ କରାଯାଇ ଧର୍ମ ପରାୟଣ ବ୍ୟକ୍ତିଙ୍କ ସକାଶେ ଦ୍ୱାର ଉନ୍ମୁକ୍ତ ରହନ୍ତା ତେବେ ସଂସାରରେ ଜଣେ ବ୍ୟକ୍ତି ବି ଆଶ୍ରମକୁ ଆସି ପାରନ୍ତେ ନାହିଁ । ପୃଥିବୀରେ ଯେଉଁ ଅତିମାନସ ସତ୍ୟ-ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଏହି ପୃଥିବୀକୁ ଆସିଛନ୍ତି, ତାହା ହୋଇ ପାରନ୍ତା ନାହିଁ । ସଂସାରରେ ସମସ୍ତ ବ୍ୟକ୍ତି ମଧ୍ୟରେ ଦୋଷ, ତ୍ରୁଟି, ଅସତ୍ୟ, ଅନ୍ୟାୟ କମ୍ ବେଶୀ ପରିମାଣରେ ବିଦ୍ୟମାନ ଅଛି । ସମ୍ପୂର୍ଣ୍ଣ ରୂପେ ଜଣେ ବ୍ୟକ୍ତି ବି ସେଥିରୁ ମୁକ୍ତ ନାହିଁ । ଭଗବାନଙ୍କ ଦ୍ୱାର ସର୍ବଦା ପାପୀ ପୁଣ୍ୟାତ୍ମା ସମସ୍ତଙ୍କ ସକାଶେ ସବୁ ସମୟରେ ଉନ୍ମୁକ୍ତ ଥାଏ । ଯିଏ ଭଗବାନଙ୍କ

ପାଖକୁ ଆନ୍ତରିକତା ସହ ଆସେ ଭଗବାନ୍ ତା'ର ଅସତ୍ୟ, ଅନ୍ୟାୟ, ପାପ, ଦୂରକରି ତାକୁ ସାଧୁ କରି ନିଅନ୍ତି । ଭଗବତ୍ କୃପା ସମସ୍ତଙ୍କ ସକାଶେ ସମାନ କିନ୍ତୁ ଯେଉଁମାନଙ୍କର ଆନ୍ତରିକତା ନ ଥାଏ, ଛଳ, କପଟ ପୂର୍ଣ୍ଣଥାଏ, ସେମାନେ ଭଗବତ୍ କୃପା ପାଇ ପାରନ୍ତି ନାହିଁ ।

ଅନ୍ୟ ପକ୍ଷରେ ମା' ଏହି ପୃଥିବୀକୁ ଆସିଛନ୍ତି ଅନ୍ୟାୟ, ଅସତ୍ୟ ଦୂର କରିବାକୁ । ଅନ୍ୟାୟ-ଅସତ୍ୟ ଆକାଶରୁ ଦୂର କରାହୁଏ ନାହିଁ, ଦୂର କରାହୁଏ ମନୁଷ୍ୟ ମଧ୍ୟରୁ । ଯଦି ଅସତ୍ୟ ପରାୟଣ ବ୍ୟକ୍ତିକୁ ଆଶ୍ରମ ନିଷେଧ କରାହୁଏ, ତେବେ ମା', ସତ୍ୟ, ନ୍ୟାୟ ପୃଥିବୀରେ ସ୍ଥାପନ କରିବେ କିପରି ? ବ୍ୟକ୍ତି କେତେ ଦୁରାଚାରୀ ହୋଇଥାଉ, ତା' ମଧ୍ୟରେ ଗୋଟିଏ ଭାଗ ଯଦି କୌଣସି ପ୍ରକାରେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୁଏ, ତେବେ ତା ମଧ୍ୟରେ ମା'ଙ୍କ ଶକ୍ତି କାର୍ଯ୍ୟ କରେ । କିନ୍ତୁ ବ୍ୟକ୍ତି ଯଦି ମା'ଙ୍କ ଶକ୍ତି ଗ୍ରହଣ କରି ଅନ୍ୟାନ୍ୟ ଭାଗକୁ ଶୁଦ୍ଧ କରିବା ସକାଶେ ଅଭୀପ୍ସା କରେ ଏବଂ ପ୍ରତିକୂଳ ବସ୍ତୁକୁ ତ୍ୟାଗ କରେ, ତେବେ ମା'ଙ୍କ ଶକ୍ତି ତା' ମଧ୍ୟରେ ଅଧିକାଧିକ କ୍ରିୟାକରି ତାକୁ ଶୁଦ୍ଧ କରିଦିଅନ୍ତି । ସେ ଭଗବତ୍ ଅଭିମୁଖୀ ହୁଏ । ତା' ଦ୍ୱାରା ଆଉ ଅନ୍ୟାୟ ଅସତ୍ୟ କର୍ମ ହୁଏ ନାହିଁ । ସେ ନିଜର ଏବଂ ଜଗତର ଯଥାର୍ଥ ହିତ ସାଧନ କରେ । ଯେଉଁ ବ୍ୟକ୍ତି ମା'ଙ୍କ କୃପା ପ୍ରାପ୍ତ କରିବା ପରେ ପୂର୍ବ ଅଭ୍ୟାସର ବଶ ହୋଇ ଅସତ୍ କର୍ମରେ ପ୍ରବୃତ୍ତ ହୁଏ, ସେ ମା'ଙ୍କ ଶକ୍ତିକୁ ହରାଏ । ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ ଲେଖିଛନ୍ତି, ମା'ଙ୍କ ଆଶୀର୍ବାଦ ଅନ୍ୟାୟ, ଅସତ୍ୟ ବା ଅନ୍ଧକାର ମଧ୍ୟରେ କ୍ରିୟା କରେ ନାହିଁ ।''

ଶ୍ରୀଅରବିନ୍ଦ ତାଙ୍କର ''The Mother'' ଗ୍ରନ୍ଥରେ ଏକଥା ସ୍ପଷ୍ଟ କହିଛନ୍ତି :

''But the supreme Grace will act only in the conditions of the Light and the Truth; it will not act in conditions laid upon it by the Falsehood and the Ignorance. For if it were to yield to the demands of the Falsehood, it would defeat its own purpose.''

''କିନ୍ତୁ ସେହି ପରମ ଭାଗବତ କୃପା କାର୍ଯ୍ୟ କରିପାରେ କେବଳ ଜ୍ୟୋତିଃ ଓ ସତ୍ୟର ବିଧାନକୁ ଆଶ୍ରୟ କରି; ଅସତ୍ୟ ଓ ଅଜ୍ଞାନ ଯଦି ଭାଗବତ କୃପା ଉପରେ ଆରୋପ କରାଯାଏ, ତେବେ ସେ କାର୍ଯ୍ୟ କରିବାକୁ ଅସ୍ୱୀକାର କରେ । କାରଣ ମିଥ୍ୟାଦାବି ଯଦି ସେ ସ୍ୱୀକାର କରିନିଏ, ସେ ନିଜେ ନିଜର ବ୍ୟର୍ଥତାର କାରଣ ହୁଏ ।''

ଫେର୍ ତୁମେ କହୁଛ – ''ଦୋଷଯୁକ୍ତ ବ୍ୟକ୍ତିଙ୍କୁ ଆଶ୍ରମ ଏକେବାରେ ନିଷେଧ କରାହେଲେ ସେମାନେ ନିଜ ଦୋଷ ବୁଝିପାରିବେ ଏବଂ ତାହା ତ୍ୟାଗ କରିବେ ।'' ଆଶ୍ରମ ଯେତେବେଳେ ନ ଥିଲା ସେତେବେଳେ ତ ଦୋଷଯୁକ୍ତ ବ୍ୟକ୍ତି ଥିଲେ, ସେତେବେଳେ ସେମାନେ ଯଦି ନିଜ ଦୋଷ ଦୂର କରି ନାହାନ୍ତି, ବର୍ତ୍ତମାନ କିପରି ଏହି ପ୍ରଣାଳୀରେ ଦୋଷ ଦୂର କରିବେ ବୋଲି ଆଶା କରୁଛନ୍ତି ? ସିଗାରେଟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ତଥା ଚେତନାର କ୍ଷତିକାରକ ଜାଣିବା ସତ୍ତ୍ୱେ ତୁମେ ତ୍ୟାଗ କରିପାରୁ ନାହଁ, ବ୍ୟକ୍ତି ଭଗବାନଙ୍କ ସାହାଯ୍ୟ ବିନା ନିଜ ଦୋଷ ତ୍ୟାଗ କରିବ ବୋଲି ଭାବୁଛ କିପରି ?

ସଂସାରରେ ନୂତନ ଚେତନା-ସ୍ଥାପନ କିଂବା ଧର୍ମର ଉତ୍‌ଥାନ ସକାଶେ ଭଗବାନ୍ ପୃଥିବୀକୁ ଆସି ସାଧୁପୁରୁଷଙ୍କୁ ରକ୍ଷା କରନ୍ତି ଏବଂ ଦୃଷ୍କୃତକୁ ବିନାଶ କରନ୍ତି ।

''ପରିତ୍ରାଣାୟ ସାଧୂନାଂ
ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ
ସମ୍ଭବାମି ଯୁଗେ ଯୁଗେ ।।''

(ଗୀତା, ଅଧ୍ୟାୟ : ୪-୮)

ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ଦୁଷ୍କୃତକୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ସକାଶେ ।

ଦୋଷଯୁକ୍ତ ବ୍ୟକ୍ତି ଭଗବତ୍ ଅଭିମୁଖୀ ହେବା ଦ୍ୱାରା ଭଗବତ୍ କୃପାରୁ ସେମାନଙ୍କର ଦୋଷ କ୍ରମଶଃ ଦୂର ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ଅଧର୍ମ ଦୂର, ଧର୍ମ ଆଚରିତ ହେଲେ ସଂସାରରେ ଧର୍ମ-ସ୍ଥାପନ ହୁଏ, ସାଧୁସନ୍ଥମାନେ ସୁରକ୍ଷିତ ହୁଅନ୍ତି । ଯେଉଁମାନେ ନିଜ ଦୋଷକୁ ତ୍ୟାଗ କରିବାକୁ ଚାହାନ୍ତି ନାହିଁ ନିଜ ସ୍ୱାର୍ଥ ସକାଶେ ଅନ୍ୟକୁ ପୀଡ଼ା ଦିଅନ୍ତି ସେହିମାନେ ଅସୁର । ସେମାନଙ୍କୁ ଭଗବାନ୍ ବିନାଶ କରନ୍ତି ।

ସଂସାରରେ ପୂର୍ଣ୍ଣ ନିର୍ଦୋଷ କେହି ବି ନୁହନ୍ତି, ଦୋଷ ଥାଏ ସକଳଙ୍କ ମଧ୍ୟରେ; ମାତ୍ର ପରିମାଣ କମ୍ ବା ବେଶୀ ହୋଇପାରେ । ଭଗବାନଙ୍କୁ ଲାଭ କରିବା ପରେ ବ୍ୟକ୍ତି ହୁଏ ନିର୍ଦୋଷ । ଯଦି ଦୋଷଯୁକ୍ତ ବ୍ୟକ୍ତିଙ୍କୁ ସଂସାରରୁ ବାହାର କରି ଦିଆହୁଏ, ତେବେ ଭଗବାନଙ୍କୁ ସଂସାର ନାଶ କରି ନୂତନ ସଂସାର ରଚିବାକୁ ପଡ଼ିବ ।

ସବୁଠାରୁ ଉତ୍ତମ କଥା ହେଲା ମନ-ପ୍ରାଣ-ଶରୀରର ରୂପାନ୍ତର, ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି । ଏହି ଲକ୍ଷ୍ୟକୁ ଗ୍ରହଣ କରି ଅନ୍ୟାୟ, ଅସତ୍ୟକୁ ଦୂର କରିବା । ଏଥିରେ ହେବ ନିଜର ଏବଂ ଜଗତର ହିତ । ଏହାହିଁ ଭଗବାନଙ୍କର ସଂକଳ୍ପ । ଏହି ଲକ୍ଷ୍ୟସିଦ୍ଧି ସକାଶେ ବ୍ୟକ୍ତି ଏହି ସଂସାରକୁ ଆସିଅଛି । ଏଥିରେହିଁ ବ୍ୟକ୍ତିର ଜୀବନ ହୁଏ ସାର୍ଥକ । ଏହି ଲକ୍ଷ୍ୟସିଦ୍ଧି ସକାଶେହିଁ ମା'ଙ୍କର ଆଶୀର୍ବାଦ ଏକାନ୍ତ ପ୍ରୟୋଜନ ।